# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ...୨୦୮୫୯... ତା ...୨୮/୪/୨୫... ରିଖ

ପ୍ରାପ୍ତେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା ୨୩.୦୪.୨୦୨୫ ରିଖ କର୍ପୋରେସନ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା ୨୩.୦୪.୨୦୨୫ ରିଖରେ ଅନୁଷ୍ଠିତ ହୋଇଥିବା କର୍ପୋରେସନ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ସଂଲଗ୍ନକ- ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ...୨୦୮୬୦.../ତା ...୨୮/୪/୨୫... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡେ଼ପୁଟି ମେୟର/ ସମସ୍ତ କର୍ପୋରେଟ'ର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ...୨୦୮୬୧.../ତା ...୨୮/୪/୨୫... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ...୨୦୮୬୨.../ତା ...୨୮/୪/୨୫... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ପାର୍କ/ସାମାଜିକ ସୁରକ୍ଷା)/ ଡ଼ି.ସି (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍)/ ଡ଼ି.ସି (ଲ୍ୟାଣ୍ଡ ଓ ଲିଗାଲ୍)/ ଡ଼ି.ସି (ଯାନ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି. (ପ୍ରତିଷ୍ଠାନ)/ ଜୋନାଲ୍ କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ

## ସାଧାରଣ ବୈଠକ ବିବରଣୀ

ତା.୨୩.୦୪.୨୦୨୫ ରିଖ ✸ ସମୟ: ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ✸ସ୍ଥାନ: BMC-ICOMC ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ/ଶ୍ରୀମତୀ:*

| | |
|---|---|
| ୧. ସୁଲୋଚନା ଦାସ | ମେୟର |
| ୨. ମିହିର କୁମାର ରାଉତ | ୱାର୍ଡ଼ ନଂ-୦୧ |
| ୩. ମୋନାଲିସା ବେହେରା | ୱାର୍ଡ ନଂ-୦୨ |
| ୪. ଲକ୍ଷ୍ମୀପିୟା ପରିଡ଼ା | ୱାର୍ଡ଼ ନଂ-୦୩ |
| ୫. ସୁକୁମାର ସାହୁ | ୱାର୍ଡ଼ ନଂ-୦୪ |
| ୬. ମିନୁଶ୍ରୀ ଖୁଂଟିଆ | ୱାର୍ଡ ନଂ-୦୫ |
| ୭. ପ୍ରୀତିନନ୍ଦା ରାଉତରାୟ | ୱାର୍ଡ଼ ନଂ-୦୬ |
| ୮. ଯଶୋଧାରା ପ୍ରଧାନ | ୱାର୍ଡ଼ ନଂ-୦୭ |
| ୯. ଲାଲ୍ ମୋହନ ଟୁଡୁ | ୱାର୍ଡ଼ ନଂ-୦୮ |
| ୧୦. ସୁଷମା ସାହୁ | ୱାର୍ଡ ନଂ-୦୯ |
| ୧୧. ସେକ୍ ନୁରହାସନ୍ | ୱାର୍ଡ଼ ନଂ-୧୦ |
| ୧୨. ପ୍ରଭାସିନି ମହାନ୍ତି | ୱାର୍ଡ଼ ନଂ-୧୧ |
| ୧୩. ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୪. ଇତିଶ୍ରୀ ଦାସ | ୱାର୍ଡ଼ ନଂ-୧୩ |
| ୧୫. ମୋନାଲିସା ସାହୁ | ୱାର୍ଡ ନଂ-୧୪ |
| ୧୬. ପିଙ୍କି ସ୍ୱାଇଁ | ୱାର୍ଡ଼ ନଂ-୧୫ |
| ୧୭. ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ଼ ନଂ-୧୬ |
| ୧୮. ପୂଜା ମହାରଣା | ୱାର୍ଡ଼ ନଂ-୧୭ |
| ୧୯. ବିପ୍ଳବ ବେହେରା | ୱାର୍ଡ଼ ନଂ-୧୮ |
| ୨୦. ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୨୧. ପ୍ରେମାନନ୍ଦ ଜେନା | ୱାର୍ଡ଼ ନଂ-୨୦ |
| ୨୨. ପୂଜା ବେହେରା | ୱାର୍ଡ଼ ନଂ-୨୧ |
| ୨୩. କିରଣବାଳା ମାଝୀ | ୱାର୍ଡ଼ ନଂ-୨୩ |
| ୨୪. ଦୀପକ କୁମାର ମିଶ୍ର | ୱାର୍ଡ଼ ନଂ-୨୪ |
| ୨୫. ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୬. ଭାରତୀ ସିଂ | ୱାର୍ଡ଼ ନଂ-୨୬ |
| ୨୭. ଶୁଭାଂଶୁ ଶେଖର ପଟ୍ଟନାୟକ | ୱାର୍ଡ଼ ନଂ-୨୭ |
| ୨୮. ଝରଣାରାଣୀ ପତି | ୱାର୍ଡ଼ ନଂ-୨୮ |
| ୨୯. ଅପରୂପ ନାରାୟଣ ରାଉତ | ୱାର୍ଡ଼ ନଂ-୨୯ |
| ୩୦. ରାଜକିଶୋର ଦାସ | ୱାର୍ଡ଼ ନଂ-୩୦ |
| ୩୧. କୁମାରେନ୍ଦ୍ର ମହାପାତ୍ର | ୱାର୍ଡ଼ ନଂ-୩୧ |
| ୩୨. ଶ୍ରୀଧର ଜେନା | ୱାର୍ଡ଼ ନଂ-୩୨ |
| ୩୩. ଧରିତ୍ରୀ ଜେନା | ୱାର୍ଡ଼ ନଂ-୩୩ |
| ୩୪. ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |
| ୩୫. ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୩୬. ଅଲିଅଲି ମଲିକ୍ | ୱାର୍ଡ଼ ନଂ-୩୬ |
| ୩୭. ବନ୍ଦିତା ପାଲ୍ | ୱାର୍ଡ଼ ନଂ-୩୭ |
| ୩୮. ପଦ୍ମଜା ପ୍ରିୟଦର୍ଶିନୀ ଜେନା | ୱାର୍ଡ଼ ନଂ-୩୮ |
| ୩୯. ଗିତାଞ୍ଜଳୀ ସାହୁ | ୱାର୍ଡ ନଂ-୩୯ |
| ୪୦. ଅସିୟା ବେଗମ୍ | ୱାର୍ଡ଼ ନଂ-୪୦ |
| ୪୧. ଆଶିଷ କୁମାର ପଟ୍ଟନାୟକ | ୱାର୍ଡ଼ ନଂ-୪୨ |
| ୪୨. ଭରତ କୁମାର ଲେଙ୍କା | ୱାର୍ଡ ନଂ-୪୩ |
| ୪୩. ଅଜିତ୍ ବେହେରା | ୱାର୍ଡ଼ ନଂ-୪୪ |
| ୪୪. ଅମରେଶ ଜେନା | ୱାର୍ଡ଼ ନଂ-୪୫ |
| ୪୫. ପୁଷ୍ପା ରାଉତ | ୱାର୍ଡ ନଂ-୪୬ |
| ୪୬. ସମିତା ମହାନ୍ତି | ୱାର୍ଡ଼ ନଂ-୪୭ |
| ୪୭. ସୁଚିତ୍ରା ପାତ୍ର | ୱାର୍ଡ଼ ନଂ-୪୮ |
| ୪୮. ସଂଯୁକ୍ତା ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୯. ରାମଚନ୍ଦ୍ର ରଣସିଂହ | ୱାର୍ଡ଼ ନଂ-୫୦ |
| ୫୦. ବିନୟିନୀ ଜେନା | ୱାର୍ଡ଼ ନଂ-୫୧ |
| ୫୧. ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୫୨. ମହାମାୟା ସ୍ୱାଇଁ | ୱାର୍ଡ଼ ନଂ-୫୩ |
| ୫୩. ଶିବ ପ୍ରସାଦ ବେହେରା | ୱାର୍ଡ଼ ନଂ-୫୪ |
| ୫୪. ନୃପେଶ କୁମାର ନାୟକ | ୱାର୍ଡ଼ ନଂ-୫୫ |
| ୫୫. କେ. ଶାନ୍ତି | ୱାର୍ଡ଼ ନଂ-୫୬ |
| ୫୬. ସନ୍ତୋଷ କୁମାର ସିଂହ | ୱାର୍ଡ ନଂ-୫୭ |
| ୫୭. ନମିତା ମହାପାତ୍ର | ୱାର୍ଡ଼ ନଂ-୫୮ |
| ୫୮. ବିରଂଚି ନାରାୟଣ ମହାସୁପକାର | ୱାର୍ଡ଼ ନଂ-୫୯ |
| ୫୯. ଚନ୍ଦ୍ରଶେଖର ମଲିଆ | ୱାର୍ଡ଼ ନଂ-୬୦ |
| ୬୦. ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୬୧. ସ୍ୱରୁଲତା ସାମନ୍ତରାୟ | ୱାର୍ଡ଼ ନଂ-୬୨ |
| ୬୨. ସୁଜାତା ଛୋଟରାୟ | ୱାର୍ଡ଼ ନଂ-୬୩ |
| ୬୩. ସଜିବା ମୁଣ୍ଡରତ | ୱାର୍ଡ଼ ନଂ-୬୪ |
| ୬୪. ରଶ୍ମି ରଞ୍ଜନ ପାଟଶାଣୀ | ୱାର୍ଡ ନଂ-୬୫ |
| ୬୫. ଛବି ଦାଶ | ୱାର୍ଡ଼ ନଂ-୬୬ |
| ୬୬. ମଧୁସ୍ମିତା ପ୍ରଧାନ | ୱାର୍ଡ଼ ନଂ-୬୭ |

୬୭. ହିମାଂଶୁ ଶେଖର ଛୋଟରାୟ
ମାନ୍ୟବର ଲୋକସଭା ସାଂସଦ, "ଭୁବନେଶ୍ୱର" ଙ୍କ ପ୍ରତିନିଧି

୬୮. ହେମନ୍ତ କୁମାର ମହାପାତ୍ର
ମାନ୍ୟବର ବିଧାୟକ, "ଜଟଣୀ" ଙ୍କ ପ୍ରତିନିଧି

ଅଦ୍ୟ ତା ୨୩.୦୪.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ୩୦ ମିନିଟ୍ ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର" BMC-ICOMC ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପରସନ୍, କର୍ପୋରେଟର, ମାନ୍ୟବର ବିଧାୟକ "ଜଟଣୀ" ଙ୍କ ପ୍ରତିନିଧି, ଅତିରିକ୍ତ କମିଶନର, ନଗର ଯନ୍ତ୍ରୀ, ଅନ୍ୟାନ୍ୟ ଅଧିକାରୀ, ଅନ୍ୟାନ୍ୟ ବିଭାଗରୁ ଆସିଥିବା ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସ୍ୱାଗତ କରିବା ପରେ ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ '**ବନ୍ଦେ ଉତ୍କଳ ଜନନୀ**' ବନ୍ଦନା ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ କହିଥିଲେ ଯେ, ଗତକାଲି ଜାମ୍ମୁକାଶ୍ମୀରରେ ଆତଙ୍କବାଦୀ ମାନେ ୨୭ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିଛନ୍ତି । ସେଥି ମଧ୍ୟରୁ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଇଶାଣ ଗ୍ରାମର ପ୍ରଶାନ୍ତ କୁମାର ଶତପଥି ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁବରଣ କରିଥିବା ୨୭ ଜଣ ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ତାଙ୍କୁ କର୍ପୋରେଟର ଶ୍ରୀମତୀ ଭାରତୀ ସିଂ ଓ ଶ୍ରୀ ଶ୍ରୀଧର ବେହେରା ସମର୍ଥନ କରିଥିଲେ । ତଦ୍ ଅନୁଯାୟୀ ମୃତ୍ୟୁବରଣ କରିଥିବା ୨୭ ଜଣ ପର୍ଯ୍ୟଟକଙ୍କ ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲାଏବଂ ସେମାନଙ୍କ ଶୋକସନ୍ତପ୍ତ ପରିବାର ପାଇଁ ସମବେଦନା ଜ୍ଞାପନ କରାଯାଇଥିଲା ।

ସଭାପତି ସମସ୍ତଙ୍କୁ ନମସ୍କାର ଜଣାଇ କହିଥିଲେ ଯେ, ଗତ ମାସରେ ବିଧାନସଭା ଚାଲୁଥିବାରୁ କର୍ପୋରେସନ ବୈଠକ ହୋଇପାରିନଥିଲା । କମିଶନର ବାହାରକୁ ଯାଇଛନ୍ତି ଏବଂ ଡେ଼ପୁଟି ମେୟରଙ୍କ ବ୍ୟକ୍ତିଗତ କାର୍ଯ୍ୟ ଥିବାରୁ ଆଜିର ବୈଠକରେ ଯୋଗ ଦେଇପାରିନାହାଁନ୍ତି । ରାଜ୍ୟ ସରକାର ଚଳିତ ବର୍ଷ ୩୨୭ କୋଟି ଟଙ୍କା ଆମକୁ ଦେଇଛନ୍ତି ଏବଂ ୨୦୦ କୋଟି ଟଙ୍କା ମୁଖ୍ୟ ଡ୍ରେନ୍ କାର୍ଯ୍ୟ ପାଇଁ ଆସିବାରଅଛି, ଆମେ ବଡ଼ ବଡ଼ ନୂଆ କାମ କରିବା ଯେଉଁଥିରେ ଆମ୍ଭମାନଙ୍କର ନାମ ରହିବ । ଯେଉଁ ପୋଖରୀ ଗୁଡ଼ିକ ଅଧା ଅଛି ସେଗୁଡ଼ିକ ସମ୍ପୂର୍ଣ୍ଣ କରାଯିବ । "ମୁକ୍ତା" ଯୋଜନାରେ "ମା" ମାନେ ଆମକୁ ବିଶ୍ୱାସ କରି କାମ କରିଛନ୍ତି ତାଙ୍କ ବିଲ୍ ପଇଠ କରାଯିବା ଆବଶ୍ୟକ । ଚଳିତ ବର୍ଷ ରାଜସ୍ୱ ବହୁତ ଆଦାୟ ହୋଇଅଛି । ସେଥିପାଇଁ କମିଶନର, ଅତିରିକ୍ତ କମିଶନର, ଉପ ଆୟୁକ୍ତ, ରାଜସ୍ୱ, ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ କର୍ପୋରେସନ ତରଫରୁ ଧନ୍ୟବାଦ ଜଣାଉଅଛି । କର୍ପୋରେଟର ମାନଙ୍କ ସହଯୋଗ ନେଇଥିଲେ ଆଉ କିଛି ରାଜସ୍ୱ ବଢିଥାନ୍ତା, ଏବେ ଠାରୁ କର୍ପୋରେଟର ମାନଙ୍କ ସହଯୋଗ ନିଆଯାଉ, ନିଗମାଂଚଳରେ ୩୦ ଗୋଟି ହାଇମାସ୍କ ଲାଇଟ୍ ଲାଗିଅଛି, ଫୋରଆର୍ମ ଲାଇଟ୍ ଲାଗିବାର ଅଛି, ଲାଇନ୍ ଡ଼ିପାର୍ଟମେଂଟ ଆମ ସହିତ ଯୋଗାଯୋଗ କରି କାର୍ଯ୍ୟ କରନ୍ତୁ, ଆମେ ରାସ୍ତା କାମ କରୁଛୁ, ଆପଣମାନେ ଖୋଳି ଦେଇଯାଉଛନ୍ତି, ଆମକୁ ଲୋକମାନେ କହୁଛନ୍ତି । ସମନ୍ୱୟରେ କାର୍ଯ୍ୟ ହେବା ଆବଶ୍ୟକ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ବନ୍ଦିତା ପାଲ୍ କହିଥିଲେ ଯେ, ମୋ ୱାର୍ଡ଼ରେ ଚାରି ଗୋଟି ପ୍ରକଳ୍ପ ହେଲା । ଜନୈକ ବ୍ୟକ୍ତି ତାଙ୍କ ବ୍ୟବସାୟିକ ସ୍ଥଳରୁ ରାସ୍ତା ଓ ଡ୍ରେନ୍ ଉପରକୁ ସ୍ଲୋପ କରିଛନ୍ତି ଏବଂ ଡ୍ରେନେଜ୍ ଉପବିଭାଗରୁ ଅନୁମତି ନେଇଛନ୍ତି ବୋଲି କହୁଛନ୍ତି । କମ୍ ଓସାର ରାସ୍ତାରେ ଗୃହ ପାଇଁ ପ୍ଲାନ୍ ଓ ସ୍ଲାବ୍ ପକାଇବା ପାଇଁ କିପରି ଅନୁମତି ଦିଆଗଲା ? ଏହା ଉପରେ ଆଲୋଚନା କରାଗଲା । ନିଗମର ନଗର ଯନ୍ତ୍ରୀ ଓ ଆଂଚଳିକ ଅଧିକାରୀ (ଦକ୍ଷିଣ-ପଶ୍ଚିମ) ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ, ଆଧୁନିକ ହୋଲ୍‌ସେଲ୍ ମାଛ ମାର୍କେଟ୍, ଜାମୁକୋଳି ଠାରେ ଗୋଶାଳା, ନାଗେଶ୍ୱର ଟାଙ୍ଗି ହାଟ, ମାର୍କେଟ୍ ଓ ଭେଣ୍ଡଜୋନ୍ ଦାସ୍‌ବୋର୍ଡ଼ ବିଷୟରେ ପରିରକ୍ଷଣ (Presentation) କରାଯାଇଥିଲା । ହୋଲ୍‌ସେଲ୍ ମାଛ ମାର୍କେଟ୍ ୧୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଜାମୁକୋଳି ଗୋଶାଳାରେ ଆଉ ଅଧିକ ଗୋରୁ ରହିବା ପାଇଁ ବ୍ୟବସ୍ଥା କରିବା ଓ ତା' ମଧ୍ୟରେ ଘାସ ଲଗାଇବା ଏବଂ ସଲ୍ୟୁସନ୍ କେନ୍ଦ୍ର ଏକ ସ୍ୱତନ୍ତ୍ର କଣରେ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଗତ ମାସ କର୍ପୋରେସନ ରେଜ୍ୟୁଲେସନ୍ କମ୍ପ୍ଲିୟାନ୍ସରେ ନଗର ଯନ୍ତ୍ରୀ ଉପସ୍ଥାପନ ତଥ୍ୟ ଅନୁସାରେ ଗତ ତା ୧୮.୧୨.୨୦୨୦ ରିଖରେ ହୋଇଥିବା SOP ଅନୁଯାୟୀ EIDP ଅନୁମୋଦନ ହେଉଅଛି ଜଣାଇଛନ୍ତି । ଏହା ଉପରେ ଆଲୋଚନା କରାଗଲା । ଉକ୍ତ SOP ଅନୁଯାୟୀ ଠିକ୍ ରୂପେ EIDP କାର୍ଯ୍ୟକାରୀ ହୋଇନଥିବାରୁ ଓ ଲୋକଙ୍କ ସମସ୍ୟା ସମାଧାନ ହେଉନଥିବାରୁ ଏହାକୁ ରଦ୍ଦ (Cancel) କରାଗଲା ଏବଂ ଏକ ମାସ ମଧ୍ୟରେ ନୂତନ SOP ପ୍ରସ୍ତୁତ କରାଯିବ ଯେଉଁଥିରେ କି EIDP ନଥି ଗୁଡ଼ିକ ଷ୍ଟାଣ୍ଡିଂ କମିଟି ସୁପାରିଶ ଓ ମାନନୀୟା ମେୟରଙ୍କ ଅନୁମୋଦନ ପରେ EIDP କମିଟି ଉପସ୍ଥାପନ କରାଯିବା ପାଇଁ ବ୍ୟବସ୍ଥା ରଖିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା । ପ୍ରତ୍ୟେକ ମାସରେ ଦିଆଯାଉଥିବା ଅକୁପାନ୍ସି ସାର୍ଟିଫିକେଟ୍‌ରେ ତଥ୍ୟ କର୍ପୋରେସନରେ ଉପସ୍ଥାପନ କରିବା ପାଇଁ ନଗର ପ୍ଲାନର୍‌ଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶ୍ରୀଧର ଜେନା କହିଥିଲେ ଯେ, ବହୁତଳ ପ୍ରାସାଦ ନିର୍ମାଣକାରୀ ବ୍ୟକ୍ତି/ସଂସ୍ଥା ପେରିଫେରିଆଲ୍ ଡ଼େଭେଲପ୍‌ମେଂଟ କରୁନାହାଁନ୍ତି କିନ୍ତୁ ସେମାନଙ୍କୁ ଅକ୍ୟୁପାନ୍ସି ସାର୍ଟିଫିକେଟ୍ ଦିଆଯାଉଅଛି, ଯେଉଁ ଏରିଆରେ ବହୁତଳ ପ୍ରାସାଦ ନିର୍ମାଣ ହେଉଅଛି ସମ୍ପୃକ୍ତ ବିଲ୍ଡ଼ର୍ ସେଠିକାର ଲୋକସଂଖ୍ୟା ଓ ଭବିଷ୍ୟତରେ ଆବଶ୍ୟକତା ଓ ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ସେ ଅଂଚଳର ଉନ୍ନତିକରଣ ହେବା ଆବଶ୍ୟକ । ହଠାତ୍ ସେହି ବହୁତଳ ପ୍ରାସାଦରେ ବହୁ ଲୋକ ରହିଯିବା ପରେ ପାଣି, ବିଦ୍ୟୁତ୍, ସ୍ୱେରେଜ୍, ସଫେଇର ଅଧିକ ଆବଶ୍ୟକ ପଡୁଅଛି, ତେଣୁ ସେହି ଅନୁସାରେ EIDP ପ୍ରସ୍ତୁତ ହେବା ଆବଶ୍ୟକ, ଯେଉଁମାନେ ଏହିସବୁ କାର୍ଯ୍ୟ କରୁନାହାଁନ୍ତି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହା ଉପରେ ଆଲୋଚନା କରାଗଲା । ସମ୍ପୃକ୍ତ ବିଲ୍ଡ଼ର୍ EIDP ସଠିକ୍ ଭାବରେ ସମ୍ପାଦନ ନକଲେ ତାଙ୍କର ପ୍ଲାନ୍ ଏବଂ ଅକ୍ୟୁପାନ୍ସି ରଦ୍ଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ନୃପେଶ କୁମାର ନାୟକ କହିଥିଲେ ଯେ, ବହୁ ଲୋକ ଭତା ପାଇଁ ଆବେଦନ କରିଛନ୍ତି କିନ୍ତୁ ଭତା ପାଉନାହାଁନ୍ତି । ୮୦ ବର୍ଷରୁ ଅଧିକ ବର୍ଷ ଲୋକ ଅଟୋମେଟିକ୍ ୩୫୦୦ ଟଙ୍କା ଭତା ପାଇବା କଥା ପାଉନାହାଁନ୍ତି । ଏହା ଉପରେ ଉପ ଆୟୁକ୍ତ କହିଥିଲେ ସରକାରଙ୍କ ନିୟମ ଅନୁସାରେ ସେମାନେ ଆବେଦନ କଲେ ଯାଂଚ୍ କରି ଅନୁମୋଦନ ପରେ ଦିଆଯିବ । ଆଲୋଚନାରେ ଭାଗ ନେଇ କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ ଓ ଶ୍ରୀମତୀ ଯଶୋଧାରା ପ୍ରଧାନ କହିଥିଲେ ଯେ, ୮୦ ବର୍ଷରୁ ଅଧିକ ବହୁ ଲୋକ ଆଗରୁ ଭତା ପାଉଥିଲେ ଏବେ ତାଙ୍କ ପୋର୍ଟାଲ୍‌ରେ ନାମ ଆସୁନାହିଁ । ଏହା ଉପରେ ଆଲୋଚନା କରାଗଲା । ଏ ଉକ୍ତ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଡ଼ିଇଓ (ଡ଼ାଟା ଏଂଟ୍ରି ଅପରେଟର) ଦିଆଯାଇ ଡ଼ାଟା up to date କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ପୂଜା ମହାରଣା କହିଥିଲେ ଯେ, ମୋ ୱାର୍ଡ଼ରେ ଡ଼ିସେମ୍ବର-୨୦୨୪ ମାସର ହିତାଧିକାରୀଙ୍କୁ ଭତା ଦିଆଯାଇନାହିଁ ଲୋକମାନେ ଚଳିବେ କିପରି ? ଏହା ଉପରେ ଯାଂଚ୍ କରାଯିବ, ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କୁ ସାତ ଦିନ ପାଇଁ କାର୍ଯ୍ୟରୁ ନିଲମ୍ବିତ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଛବି ଦାଶ କହିଥିଲେ ଯେ, ବହୁ ଲୋକ ମୃତ୍ୟୁବରଣ କଲେଣି ଦୀର୍ଘ ଦିନ ହେବ ଭତା ନେଇନାହାଁନ୍ତି ତାଙ୍କ ସ୍ଥାନରେ ନୂଆ ହିତାଧିକାରୀଙ୍କୁ ଭତା ଦିଆଯାଉ । ଏହା ଉପରେ ଆଲୋଚନା କରାଗଲା । ଯେଉଁମାନେ ଦୀର୍ଘ ଦିନ ହେବ ଭତା ନେଉନାହାଁନ୍ତି ଏବଂ ଯେଉଁମାନେ ମୃତ୍ୟୁବରଣ କଲେଣି ସେମାନଙ୍କ ସ୍ଥାନରେ ସେହି ୱାର୍ଡ଼ରୁ ନୂତନ ହିତାଧିକାରୀ ଚୟନ କରି ଭତା ପ୍ରଦାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ରଞ୍ଜୁଲତା ରାୟ କହିଥିଲେ ଯେ, ଆମ ଅଫିସର ଦକ୍ଷିଣ-ପଶ୍ଚିମ କଣରେ ଦୁର୍ଘଟଣା ଘଟୁଥିବାରୁ ପ୍ରତି ମାସ କର୍ପୋରେସନ ବୈଠକରେ କହୁଅଛି । R & B ର ନିର୍ବାହୀ ଯନ୍ତ୍ରୀ ବୈଠକରେ କହିଥିଲେ ହମ୍ପସ ତିଆରି କରିବା ପାଇଁ କିନ୍ତୁ କରୁନାହାଁନ୍ତି । ବାରମ୍ବାର ସେଠାରେ ଦୁର୍ଘଟଣା ଘଟୁଅଛି । ଏହା ଉପରେ ଆଲୋଚନା କରାଗଲା । ଭୁବନେଶ୍ୱର ମହାନଗର ନିଗମ R & B ଠାରୁ NOC ଆଣି ଏଠାରେ ହମ୍ପସ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ କହିଥିଲେ ଯେ, ଜଳଛତ୍ର ଠିକ୍ ରୂପେ ଚାଲୁନାହିଁ କେତେକ ଜାଗାରେ ଲୋକ ବସୁନାହାଁନ୍ତି, କେଉଁଠାରେ ପାଣି ନାହିଁ । ଏହା ଉପରେ ଆଲୋଚନା କରାଗଲା । ଯଦି ଠିକାଦାର ଜଳଛତ୍ର ସଠିକ୍ ଭାବରେ ନଚଳାନ୍ତି ତେବେ ତାଙ୍କର ଚୁକ୍ତିପତ୍ର ରଦ୍ଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଅଲିଅଳି ମଲ୍ଲିକ୍ କହିଥିଲେ ଯେ, ଜାଗା ମିଶନ୍ ଯୋଜନାରେ ବସ୍ତିରେ ବସ୍ତିବାସିନ୍ଦାମାନେ ରାଜ୍ୟ ସରକାରଙ୍କ ଗାଇଡ଼୍‌ଲାଇନ୍ ଅନୁସାରେ ବି.ଏମ୍.ସି ରୁ ଆଦେଶ ପାଇ ବିଭିନ୍ନ କାର୍ଯ୍ୟ କରିଛନ୍ତି କିନ୍ତୁ ସେମାନଙ୍କୁ ବିଲ୍ ପଇଠ ହେଉନାହିଁ, ସେମାନେ ଆମକୁ କହୁଛନ୍ତି । ତାଙ୍କୁ କର୍ପୋରେଟର ଶ୍ରୀ ସନ୍ତୋଷ କୁମାର ସିଂ ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ଜାଗା ମିଶନ୍ ଯୋଜନାରେ ହୋଇଥିବା କାର୍ଯ୍ୟ ପାଇଁ ରାଜ୍ୟ ସରକାର ଅର୍ଥ ଦେଉନଥିବାରୁ ସମ୍ପୃକ୍ତ ୱାର୍ଡ଼ ବଜେଟ ଅର୍ଥରୁ ବିଲ୍ ପଇଠ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପବ୍ଲିକ୍ ହେଲଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ବିବରଣୀ ପଠନ କରିବା ସମୟରେ କର୍ପୋରେଟର-ତଥା-କମିଟିର ଚେୟାରମ୍ୟାନ୍ କହିଥିଲେ ଷ୍ଟାଣ୍ଡିଂ କମିଟି ତା ୧୯.୦୪.୨୦୨୫ ରିଖ ସଫେଇ କାର୍ଯ୍ୟରେ ନିୟୋଜିତ ହୋଇଥିବା LCV ଗୁଡ଼ିକ ମରାମତି ପାଇଁ ପ୍ରାଇଭେଟ୍ ଗ୍ୟାରେଜ୍‌ରେ ବହୁଦିନ ପଡ଼ିରହୁଥିବାରୁ ଅଳିଆ ସଂଗ୍ରହ କାର୍ଯ୍ୟ ସଠିକ୍ ଭାବରେ ହୋଇପାରୁନାହିଁ, ତେଣୁ ଗାଡ଼ି ଗୁଡ଼ିକର ମରାମତି ପାଇଁ ଟି.ଟି.ଏସ୍ ଠାରେ ଏକ ଗ୍ୟାରେଜ୍ କରିବା ଏବଂ ଆବଶ୍ୟକ ଯନ୍ତ୍ରପାତି କ୍ରୟ କରି ମରାମତି କାର୍ଯ୍ୟ କରିବା ନିମନ୍ତେ ନିଷ୍ପତି ହୋଇଥିଲା, ତେଣୁ ଏହା କରାଯିବା ଆବଶ୍ୟକ ବୋଲି କହିଥିଲେ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବିବରଣୀ ପଠନ ସମୟରେ କର୍ପୋରେଟର-ତଥା-କମିଟିର ଚେୟାରମ୍ୟାନ୍ କହିଥିଲେ ଷ୍ଟାଣ୍ଡିଂ କମିଟି ତା ୧୯.୦୪.୨୦୨୫ ରିଖ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅଟକଳ ମୂଲ୍ୟ ଠାରୁ ୧୪.୯୯ % କମ୍‌ରେ ନେଇଥିବା ଠିକାଦାରମାନେ ଠିକ୍ ଭାବରେ କାର୍ଯ୍ୟ କରୁନାହାଁନ୍ତି । ସେହି କାର୍ଯ୍ୟ ଗୁଡ଼ିକ ବିଲ୍ ପଇଠ ହେବା ପୂର୍ବରୁ ୱାର୍କସ

କମିଟିରେ ଉପସ୍ଥାପନ କରାଯିବ ଏବଂ ମାନନୀୟା ମେୟରଙ୍କ ଅଧକ୍ଷତାରେ ଏକ କମିଟି ଯାଂଚ୍ କଲାପରେ ବିଲ୍ ପଇଠ କରିବା ପାଇଁ ଏବଂ ଏ ସମ୍ପର୍କରେ ନଗର ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ମାନଙ୍କୁ ଚିଠି ମାଧମରେ ଜଣାଇବା ପାଇଁ ନିଷ୍ପତି ହୋଇଥିଲା । ଏହା କରାଯିବା ଆବଶ୍ୟକ ବୋଲି କହିଥିଲେ । ଏହା ଉପରେ ଆଲୋଚନା କରାଗଲା । ପବ୍ଲିକ୍ ୱାର୍କସ କମିଟିଙ୍କ ସୁପାରିଶରେ କଂଟ୍ରାକ୍ଟସ କମିଟିରେ ଅନୁମୋଦନ ପରେ ବିଲ୍ ପଇଠ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସ୍ଲମ୍ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବିବରଣୀ ପଠନ ସମୟରେ କର୍ପୋରେଟର-ତଥା-କମିଟିର ଚେୟାର୍‌ପର୍ସନ୍ କହିଥିଲେ ଷ୍ଟାଣ୍ଡିଂ କମିଟି ତା ୧୭.୦୪.୨୦୨୫ ରିଖ ବସ୍ତିବାସିନ୍ଦାମାନେ ଏଲ୍.ଆର୍.ସି ପାଇବା ପାଇଁ ଦେଇଥିବା ଅର୍ଥ ଫେରସ୍ତ ନିମନ୍ତେ ଉତର ଜୋନ୍ ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍ ତାଲିକା ପ୍ରଦାନ କରିଛନ୍ତି, କିନ୍ତୁ ଦକ୍ଷିଣ-ପୂର୍ବ ଜୋନ୍ ତାଲିକା ପ୍ରଦାନ କରିନଥିବାରୁ ଫଇସଲା ହୋଇପାରୁନାହିଁ, ତେଣୁ ତାଲିକା ପ୍ରଦାନ ପାଇଁ ଦକ୍ଷିଣ-ପୂର୍ବ ଜୋନ୍‌ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ନିଷ୍ପତି ହୋଇଥିଲା । ଏହା କରାଗଲେ ଲୋକମାନେ ଉପକୃତ ହେବେ । ଏହା ଉପରେ ଆଲୋଚନା କରାଗଲା । ଜେ.ଡ଼ି.ସି ଙ୍କ ରିପୋର୍ଟ ଅନୁଯାୟୀ ଉତର ଓ ଦକ୍ଷିଣ-ପଶ୍ଚିମ ମଣ୍ଡଳର ହିତାଧିକାରୀଙ୍କୁ ଅର୍ଥ ଫେରସ୍ତ କରାଯିବ ଏବଂ ଜେ.ଡ଼ି.ସି (ସାଉଥ୍ ଇଷ୍ଟ) ଙ୍କ ତାଲିକା ମିଳିବା ପରେ ହିତାଧିକାରୀଙ୍କ ଅର୍ଥ ଫେରସ୍ତ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ନୃପେଶ କୁମାର ନାୟକ କହିଥିଲେ ଯେ, ନିଗମର ହଟିକଲ୍‌ଚରିଷ୍ଟ କାମ କରୁଛନ୍ତି କିନ୍ତୁ ତାଙ୍କର ଦରମା ଦିଆଯାଉନାହିଁ । ଏହା ଉପରେ ଆଲୋଚନା କରାଗଲା । ଆଜି ପର୍ଯ୍ୟନ୍ତ ତାଙ୍କର ପ୍ରାପ୍ୟ ପ୍ରଦାନ କରାଯିବା ଏବଂ ଆଜିଠାରୁ ତାଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତି କହିଥିଲେ ଯେ, ୱାର୍ଡ଼ ନଂ-୩୫ ରେ ଥିବା ଖାଓଗଳିରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ନିଗମକୁ ଅର୍ଥ ଦେଉନାହାଁନ୍ତି, ସେଠାରେ ଏକ ବିଦ୍ୟାଳୟ ଥିବାରୁ ପିଲାମାନେ ଯିବାଆସିବାରେ ଅସୁବିଧା ହେଉଥିବାରୁ ଅଭିଯୋଗ ହେଉଅଛି ଏବଂ ବର୍ତମାନ ସେହି ରାସ୍ତାରେ ବହୁ ଯାନବାହାନ ଯାତାୟତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଅଛି, ତେଣୁ ଏହାକୁ ବର୍ତମାନ ବନ୍ଦ କରାଯିବା ଆବଶ୍ୟକ ପଡୁଅଛି । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ରଞ୍ଜୁଲତା ରାୟ କହିଥିଲେ ଯେ, ବର୍ଷାଋତୁ ଆସିଲାଣି ରାସ୍ତା ମରାମତି କରାଯାଉ । ଆଲୋଚନାରେ ଭାଗନେଇ କର୍ପୋରେଟର ସର୍ବଶ୍ରୀ ଶ୍ରୀଧର ବେହେରା, ଶିବ ପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲିଆ, ସନ୍ତୋଷ କୁମାର ସିଂହ, ରାମଚନ୍ଦ୍ର ରଣସିଂହ, ଶିବ ନାରାୟଣ ରାୟ, ଶ୍ରୀମତୀ ମହାମାୟା ସ୍ୱାଇଁ ଆଦି କର୍ପୋରେଟର କହିଥିଲେ ଯେ, ପୂର୍ବରୁ ରାସ୍ତାର ଖାଲଖମା ମରାମତି ନିମନ୍ତେ ଟେଣ୍ଡର ହୋଇଥିଲା ତାହା କର୍ପୋରେସନ ନିଷ୍ପତି ହୋଇ ବନ୍ଦ ହୋଇଅଛି, ଯେହେତୁ ବର୍ତମାନ ରାସ୍ତା ଗୁଡ଼ିକ ଖାଲଖମା ହୋଇଗଲାଣି ସେହି ଟେଣ୍ଡର ଅନୁସାରେ କାର୍ଯ୍ୟ କରାଯାଉ । ଏହା ଉପରେ ଆଲୋଚନା କରାଗଲା । ଯେହେତୁ ନିଗମାଂଚଳରେ ରାସ୍ତା ଗୁଡ଼ିକ ଖାଲଖମା ହୋଇଗଲାଣି ତେଣୁ ପୂର୍ବ ନିଷ୍ପତି ପରିବର୍ତନ କରାଯାଇ ପୁନଃବାର ସେହି ଟେଣ୍ଡର ଅନୁସାରେ ରାସ୍ତା ଗୁଡ଼ିକର ଖାଲଖମା ମରାମତି କାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

**ପ୍ରସ୍ତାବ-୧.** ଗତ ତା ୨୮.୦୨.୨୦୨୫ ରିଖ ନିଗମ ସ୍ୱତନ୍ତ୍ର ବୈଠକ ବିବରଣୀ ଓ ତା ୨୮.୦୨.୨୦୨୫ ରିଖ ସାଧାରଣ ବୈଠକ ବିବରଣୀ ଦୃଢ଼ୀକରଣ :-

**ନିର୍ଦ୍ଧାରଣ-୧.** ଗତ ତା ୨୮.୦୨.୨୦୨୫ ରିଖ ନିଗମ ସ୍ୱତନ୍ତ୍ର ବୈଠକ ବିବରଣୀ ଓ ତା ୨୮.୦୨.୨୦୨୫ ରିଖ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତିକ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ-୨.** ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ ଓ **ଉତ୍ତର**:-(ତା ୨୩.୦୪.୨୦୨୫ ରିଖ)

ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ୱାର୍ଡ଼ ନଂ-୩୧

ପ୍ରଶ୍ନ-୨(୧). ତା ୦୪.୦୬.୨୦୨୨ ରିଖ ସୁଧା କେତେ ଆଉଟ୍‌ସୋର୍ସିଂ କର୍ମଚାରୀ ଥିଲେ ? ଆଜିକା ତାରିଖରେ କେତେ ଆଉଟ୍‌ସୋର୍ସିଂ କର୍ମଚାରୀ ଅଛନ୍ତି, ସେମାନଙ୍କୁ କେଉଁ କମିଟି ଓ କାହା ଅନୁମୋଦନରେ ରଖାଯାଇଅଛି ?

ଉତ୍ତର -୨(୧).

| କ୍ର.ନଂ | ଉପବିଭାଗ ନାମ | ତା ୦୪.୦୬.୨୦୨୨ ରିଖ ପୂର୍ବରୁ ଥିବା ଆଉଟ୍‌ସୋର୍ସିଂ କର୍ମଚାରୀ | ବର୍ତମାନ ଥିବା ଆଉଟ୍‌ସୋର୍ସିଂ କର୍ମଚାରୀ | ଅନୁମୋଦନ |
|---|---|---|---|---|
| ୧ | ପରିବେଶ | ୮ ଜଣ | ୭ ଜଣ | କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୬(୨) ତା ୨୮.୦୧.୨୦୨୫ ରିଖ |
| ୨ | ଡ୍ରେନେଜ୍ | ୧୦ ଜଣ | ୯ ଜଣ | କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ନିର୍ଦ୍ଧାରଣ ସଂଖ୍ୟା-୩ ତା ୨୮.୦୬.୨୦୧୮ ରିଖ |

| | | | | |
|---|---|---|---|---|
| ୩ | ଅର୍ଥ ବିଭାଗ | | ୭ ଜଣ | କମିଶନର ଏବଂ ମାନନୀୟା ମେୟର |
| ୪ | ଏଷ୍ଟାବ୍ଲିସ୍‌ମେଂଟ | ୧୨୪ ଜଣ ସୁରକ୍ଷା କର୍ମଚାରୀ | ୩୨୦ ଜଣ ସୁରକ୍ଷା କର୍ମୀ | କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୯) ତା ୨୭.୧୦.୨୦୨୩ ରିଖ |
| ୫ | ଆଇ.ଟି | ୩ ଜଣ କମିଶନରଙ୍କ ଅନୁମୋଦନ କ୍ରମେ | ୩୪ ଜଣ ଡ଼ି.ଇ.ଓ | କମିଶନର ଏବଂ ମାନନୀୟା ମେୟର |
| ୬ | ସି.ଏମ୍.ଏମ୍.ଓ | ୮୨ ଜଣ | ୬୦ ଜଣ | ଟେଣ୍ଡର କମିଟି ଓ କର୍ପୋରେସନ |
| ୭ | ଓଡ଼ିଏ କୋର୍ଟ | | ୩ ଜଣ | ୩ ଜଣ ଅମିନ, କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୧) ତା ୨୩.୦୨.୨୦୨୪ ରିଖ |
| ୮ | ପରିମଳ | ୨୦ ଜଣ ସାନିଟାରୀ ଇନିସ୍‌ପେକ୍ଟର | ୬୪ ଜଣ | କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୨୦) ତା ୧୯.୦୮.୨୦୨୨ ରିଖ |
| | | ୫୨ ଜଣ ଏସ୍.ଏମ୍.ଟି.ଏ | ୬୬ ଜଣ | କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୧୨) ତା ୧୯.୦୮.୨୦୨୨ ରିଖ |
| | | ୧୯ ଜଣ ଏକ୍ସପର୍ଟ/ ଏସ୍.ବି.ଏ ସେଲ୍ ଷ୍ଟାଫ୍ | ୩୬ ଜଣ | କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୧୫) ତା ୧୯.୦୮.୨୦୨୨ ରିଖ |
| | | ୪ ଜଣ ଏସ୍ ଡ଼ବ୍ଲ୍ୟୁ ଏମ୍ ପି ଏମ୍ ୟୁ | ୪ ଜଣ | କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ତା ୧୮.୧୧.୨୦୨୪ ରିଖ |
| | | ୧୦ ଜଣ ଜେନେରାଲ୍ ପି ଏମ୍ ୟୁ ଷ୍ଟାଫ୍ | ୧୪ ଜଣ | କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୮) ତା ୨୦.୧୧.୨୦୨୩ ରିଖ |
| | | | ୩ ଜଣ ଅପରେଟର/ ଆସିଷ୍ଟାଂଟ୍ ଅପରେଟର | ମାନନୀୟା ମେୟର |
| ୯ | ଏନ୍‌ଫୋର୍ସମେଂଟ | | ୪୧ ଜଣ Ex-serviceman | ଗୃହ ଓ ନଗର ଉନ୍ନୟନ ବିଭାଗ ସୁପାରିଶ ଓ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୪) ତା ୨୮.୦୧.୨୦୨୫ ରିଖ |
| ୧୦ | ଇଲେକ୍ଟ୍ରି | ୧୦ ଜଣ ଇଲେକ୍ଟ୍ରିସିଆନ୍ | ୧୦ ଜଣ ଇଲେକ୍ଟ୍ରିସିଆନ୍ | କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୪(୭) ତା ୩୦.୦୬.୨୦୧୬ ରିଖ |

ପ୍ରଶ୍ନ-୨(୨). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ପ୍ଲଟ୍ ନଂ-୮୫୩/୧୨୪୦/୧୮୯୪ ଯାହାକି ଚଣ୍ଡୀମାତା କଲୋନୀରେ ଅବସ୍ଥିତ । ଏହି ପ୍ଲଟ୍ ନଂ ଉପରେ ଜନୈକ ବ୍ୟକ୍ତି ଅନ୍‌ଅଥରାଇଜଡ଼ ନିର୍ମାଣ କରିଥିବାରୁ ଲୋକମାନଙ୍କୁ ଯିବା ଆସିବାରେ ବାଧା ଉପୁଜୁଛି । ସେହି ଲୋକମାନେ ବିଗତ ଦୁଇ ବର୍ଷ ହେଲାଣି ସବୁ ଡ଼ିପାର୍ଟମେଂଟ୍ ଯଥା:-ବି.ଡ଼ି.ଏ, ବି.ଏମ୍.ସି ମେୟର, ବି.ଏମ୍.ସି କମିଶନର, ବି.ଏମ୍.ସି ପ୍ଲାନିଂ, ପୋଲିସ୍, କୋର୍ଟ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକଷ୍ଠକୁ ଯାଇ ସେମାନଙ୍କର ଅଭିଯୋଗ ଦାଖଲ କରିଛନ୍ତି । ଓ.ଡ଼ି.ଏ କୋର୍ଟ ତା ୧୪.୧୧.୨୦୨୨ ରିଖରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ଆଦେଶ ଦେଇଥିଲେ ମଧ କାର୍ଯ୍ୟକାରୀ କାହିଁକି ହୋଇନାହିଁ ଓ କେବେ କାର୍ଯ୍ୟକାରୀ ହେବ ଦୟାକରି ଗୃହକୁ ଜଣାଇବେ କି ?

ଉତ୍ତର -୨(୨). ଓ.ଡ଼ି.ଏ କୋର୍ଟଙ୍କ ପତ୍ରସଂଖ୍ୟା-୬୪୧ ତା ୦୫.୦୧.୨୦୨୩ ରିଖରେ ପ୍ଲଟ୍ ନଂ-୮୫୩/୧୨୪୦/୧୮୯୪ ରେ ଅନଧିକୃତ ନିର୍ମାଣକୁ ଉଚ୍ଛେଦ କାର୍ଯ୍ୟ ନିମନ୍ତେ ଉପ ଆୟୁକ୍ତ, ଏନ୍‌ଫୋର୍ସମେଂଟ ଏବଂ ସମ୍ପୃକ୍ତ ମଣ୍ଡଳ ଆୟୁକ୍ତଙ୍କୁ ପତ୍ରସଂଖ୍ୟା-୬୪୨ ତା ୦୫.୦୧.୨୦୨୩ ରିଖରେ ଆଦେଶ ଦିଆଯାଇଅଛି । ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଉପ ଆୟୁକ୍ତ, ଏନ୍‌ଫୋର୍ସମେଂଟ ଏବଂ ସମ୍ପୃକ୍ତ ମଣ୍ଡଳ ଆୟୁକ୍ତଙ୍କ ଦ୍ୱାରା କାର୍ଯ୍ୟକାରୀ ହୁଏ ।

ଶ୍ରୀ ମିହିର କୁମାର ରାଉତ, ଓ୍ୱାର୍ଡ ନଂ-୦୧

ପ୍ରଶ୍ନ-୨(ଗ). ଗତ ତା ୨୬.୦୯.୨୦୨୪ ରିଖ ଦିନ ନୋଟିସ୍ ନଂ-୩୯୭୮୬ ରେ ଭୁବନେଶ୍ୱର ମହାନଗର ନିଗମର ଟେଣ୍ଡର ସେଲ୍ ଦ୍ୱାରା ଓ୍ୱାର୍ଡ ନଂ-୦୧ ର ଷ୍ଟ୍ରିଟ୍ ଲାଇଟ୍ ପୋଲ୍ ଓ ଲାଇଟ୍ ଲଗାଇବା ପାଇଁ ଏକ ଟେଣ୍ଡର ବାହାରିଥିଲା । ଆଜକୁ ୬ ମାସ ହୋଇଗଲାଣି ଓ୍ୱାର୍ଡରେ ଲାଇଟ୍ ଲଗାଇବା କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ କାହିଁକି ଦୟାକରି ଗୃହକୁ ଜଣାଇବେ କି ?

ଉତ୍ତର -୨(ଗ). ଉପରଲିଖିତ ଟେଣ୍ଡର ଅନୁଯାୟୀ ବର୍ତ୍ତମାନ ସମ୍ପୃକ୍ତ ଓ୍ୱାର୍ଡରେ ଷ୍ଟ୍ରିଟ୍ ଲାଇଟ୍ ପୋଲ୍ ଏବଂ ଲାଇଟ୍ ଲଗାଇବା କାର୍ଯ୍ୟ ଚାଲୁଅଛି ।

ଶ୍ରୀ ଅମରେଶ ଜେନା, ଓ୍ୱାର୍ଡ ନଂ-୪୫

ପ୍ରଶ୍ନ-୨(ଘ). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ବି.ଏମ୍.ସି ର କେଉଁ କେଉଁ କର୍ମଚାରୀ ବାହାରେ କାମ କରୁଛନ୍ତି, ସେମାନଙ୍କର ନାମ ଏବଂ କେଉଁ ପୋଷ୍ଟରେ କେତେ ଦରମା ନେଉଛନ୍ତି ଏବଂ କେଉଁ କର୍ମଚାରୀ ବି.ଏମ୍.ସି ରେ କେବେଠାରୁ କାମ କରିନାହାଁନ୍ତି, ଯଦି କାମ କରୁଛନ୍ତି କେତେ ଘଂଟା କାମ କରୁଛନ୍ତି, କେଉଁଠି କାମ କରୁଛନ୍ତି ?

ଉତ୍ତର -୨(ଘ). ଭୁବନେଶ୍ୱର ମହାନଗର ନିଗମ ଅଧିନର କୌଣସି କର୍ମଚାରୀ ନିଗମ ପରିସର ବାହାରେ କାର୍ଯ୍ୟ କରୁନାହାଁନ୍ତି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ଏହା ଠିକ୍ ଉତର ଦିଆଯାଇନାହିଁ । ନିଗମର ବହୁ କର୍ମଚାରୀ ପୂର୍ବତନ ରାଜନେତାଙ୍କ ଘରେ କାର୍ଯ୍ୟ କରୁଛନ୍ତି, କିନ୍ତୁ ନିଗମରୁ ପଇସା ଦିଆଯାଉଅଛି । କର୍ପୋରେଟର ଶ୍ରୀ ଭରତ କୁମାର ଲେଙ୍କା କହିଥିଲେ ଯେ, ନିଗମର କର୍ମଚାରୀ ଖାଲି ରାଜନେତାଙ୍କ ଘରେ କାମ କରୁନାହାଁନ୍ତି । ପୂର୍ବତନ ଅଫିସରଙ୍କ ଘରେ ମଧ କାର୍ଯ୍ୟ କରୁଛନ୍ତି, ଯଦି ବାହାରୁଛନ୍ତି ସବୁଠାରୁ ବାହାରନ୍ତୁ । ଏହା ଉପରେ ଆଲୋଚନା କରାଗଲା । ଯେଉଁ କର୍ମଚାରୀମାନେ ପୂର୍ବତନ ରାଜନେତା, ଅଫିସରଙ୍କ ଘରେ କାର୍ଯ୍ୟ କରୁଛନ୍ତି ତାଙ୍କୁ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟକୁ ଫେରାଇ ଆଣିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରଶ୍ନ-୨(ଙ). Slum clearance scheme ମାଧ୍ୟମରେ ତିଆରି ହୋଇଥିବା ଗୃହ ଗୁଡ଼ିକ ରେ BMC କୁ କି କି ଅଧିକାର ନଗର ଉନ୍ନୟନ ବିଭାଗ ,ଓଡ଼ିଶା ରୁ ଦିଆହୋଇଛି ।

Slum clearance scheme ମାଧ୍ୟମରେ ତିଆରି ହୋଇଥିବା ଗୃହ ଗୁଡ଼ିକ ରେ BMC ରୁ Electric, Water Supply, Repairing, ସେଠାରେ ନିୟଜିତ ବିଏମସି କର୍ମଚାରୀମାନଙ୍କୁ ମାସିକ ଦରମା ବାବଦରେ କେତେ ଟଙ୍କା ମାସିକ ବା ବାର୍ଷିକ ବିଏମସି ରୁ ଖର୍ଚ୍ଚ ହେଉଛି ଏବଂ Holding tax ବା Rent ବା User fee ବାବଦରେ କେତେ ଟଙ୍କା ଆଦାୟ ହୋଇଛି ।

Slum clearance scheme ମାଧ୍ୟମରେ ତିଆରି ହୋଇଥିବା ଗୃହ ଗୁଡ଼ିକ ରେ BMC ତରଫରୁ କେଉଁ କେଉଁ ଘର ପାଇଁ କେଉଁ ଠାରେ କେବେ କେତେ କେତେ ଟଙ୍କା ଖର୍ଚ୍ଚ କରାଯାଇ କେଉଁ କେଉଁ ଓକିଲଙ୍କ ଦ୍ୱାରା କେସ କରାଯାଇଛି । ଏବଂ ଏହାର ଫଳ କଣ ହୋଇଛି ।

ବର୍ତ୍ତମାନ କୋଉ କୋଉ କେସ କେଉଁ ଠାରେ ଚାଲିଛି

୨୦୧୯ ଠାରୁ ବିଏମସି କେତେ କେସ ହାରିଛି ଏବଂ କେତେ କେସ ଜିତିଛି ।

Slum clearance scheme ମାଧ୍ୟମରେ ତିଆରି ହୋଇଥିବା ଗୃହ ଗୁଡ଼ିକ ପାଇଁ BMC କେସ୍ ଗୁଡିକରେ କଣ କଣ ଶପଥ ପାଠ ଦାଖଲ କରଛି ।

Slum clearance scheme ମାଧ୍ୟମରେ ତିଆରି ହୋଇଥିବା ଗୃହ ଗୁଡ଼ିକ ପାଇଁ ନିୟମ କଣ ଥିଲା । ଗୃହ ଟଙ୍କା କିଏ ଦେଇଥିଲେ ଏବଂ ଜାଗା କିଏ ଦେଇଥିଲେ । ଗୃହ ଗୁଡିକ କାହାକୁ ଆବଣ୍ଟନ କରିବା ପାଇଁ ନିୟମ ଥିଲା

ଆଜି ପର୍ଯ୍ୟନ୍ତ ନଗର ଉନ୍ନୟନ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗ କୁ BMC ଦ୍ୱାରା SLUM CLEARANCE SCHEME ମାଧ୍ୟମରେ ତିଆରି ହୋଇଥିବା ଖାରବେଳ ନଗର, ହାଡ଼ି ପୋଖରୀ, ଶ୍ରୀରାମ ନଗର ଅଞ୍ଚଳରେ ସ୍ଲମ ଘର ବାବଦରେ କେତେ ଗୋଟି ଚିଠି କେଉଁ କେଉଁ ତାରିଖ ରେ ଲେଖା ହୋଇଛି ଏବଂ ଏ ବାବଦରେ କ'ଣ ଉତ୍ତର ଆସିଛି । ସମସ୍ତ ଚିଠି ର ନକଲ ପ୍ରଦାନ କରାଯାଉ । ଏହାର ସବିଶେଷ ଦସ୍ତାବିଜ ସହ ଉତ୍ତର ପ୍ରଦାନ କରାଯାଉ ।

ଉତ୍ତର -୨(୫). ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ବସ୍ତି ଗୁଡ଼ିକରେ ରହୁଥିବା ଲୋକମାନଙ୍କୁ ଚିହ୍ନଟ, ତାଲିକାଭୁକ୍ତ କରିବା ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ସ୍ଥାୟୀ ପକ୍କା ଗୃହ ଯୋଗାଇଦେବା ନିମନ୍ତେ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଅଛି ।

ବସ୍ତିବାସିନ୍ଦା ମାନଙ୍କୁ ସ୍ଥାୟୀ ପକ୍କା ଘର ଯୋଗାଇଦେବା ପରେ **Electric, Water Supply, Repairing** ସେମାନେ ନିଜେ ଖର୍ଚ୍ଚ ବହନ କରିଥାନ୍ତି । ଏ ବାବଦରେ ବି.ଏମ୍.ସି କର୍ମଚାରୀଙ୍କୁ ନିୟୋଜିତ ନଥାନ୍ତି କି ସେମାନଙ୍କୁ ଦରମା ଦିଆଯାଇନଥାଏ । ସେମାନଙ୍କ ଠାରୁ ହୋଲ୍ଡିଂ ଟ୍ୟାକ୍ସ ବା ରେଂଟ୍ ବା ୟୁଜର୍ ଫି ବାବଦରେ ଆଦାୟ କରାଯିବା ପାଇଁ ବି.ଏମ୍.ସି ତରଫରୁ କୌଣସି ନିଷ୍ପତି ଗ୍ରହଣ କରାଯାଇନାହିଁ ।

**Slum clearance scheme** ମାଧ୍ୟମରେ ୧୧ ଗୋଟି ଗୃହ ପ୍ରକଳ୍ପ ତିଆରି ହୋଇଥିବା ସ୍ଥଳେ ୭ ଗୋଟି ବି.ଡ଼ି.ଏ ମାଧ୍ୟମରେ ଏବଂ ୨ ଗୋଟି ବି.ଏମ୍.ସି ମାଧ୍ୟମରେ ହୋଇଅଛି । ବି.ଏମ୍.ସି ମାଧ୍ୟମରେ ହୋଇଥିବା ଗୃହ ଗୁଡ଼ିକ ହେଲା ୧-ମଣ୍ଡପ ବସ୍ତି ଗୃହ ପ୍ରକଳ୍ପ ୨-ରଙ୍ଗମାଟିଆ ଗୃହ ପ୍ରକଳ୍ପ । ମଣ୍ଡପ ବସ୍ତି ପାଇଁ ବ୍ୟୟ ଅଟକଳ ଟ୨୯.୧୯ କୋଟି ଏବଂ ରଙ୍ଗମାଟିଆ ପ୍ରକଳ୍ପ ପାଇଁ ଟ୫୫.୫୦ କୋଟି, ଏହା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଣ୍ଠିରୁ ଖର୍ଚ୍ଚ କରାଯାଉଅଛି ।

RAY ଗାଇଡ୍‌ଲାଇନ୍ ଅନୁସାରେ ଚୟନ କରାଯାଇଥିବା ହିତାଧିକାରୀ ଗୁଡ଼ିକୁ ପକ୍କା ଗୃହ ପ୍ରକଳ୍ପ ଦ୍ୱାରା ସ୍ଥାୟୀ ଥଇଥାନ କରାଯିବାର ନିୟମ ଥିଲା । ଏହି ଗୃହ ପ୍ରକଳ୍ପ ନିର୍ମାଣ ନିମନ୍ତେ ସମସ୍ତ ଖର୍ଚ୍ଚ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି ଏବଂ G.A Deptt. ଦ୍ୱାରା ଜାଗା ପ୍ରଦାନ କରାଯାଇଅଛି ।

ବି.ଏମ୍.ସି ଦ୍ୱାରା ସ୍ଲମ୍ କ୍ୱାର୍ଟର ଗୁଡ଼ିକ ୟୁନିଟ୍-୩ ଖାରବେଳ ନଗର, ହାଡ଼ି ପୋଖରୀ ଏବଂ ଶ୍ରୀରାମ ନଗର ପୁରୁଣା ଭୁବନେଶ୍ୱର ଠାରେ ଭାରତ ସରକାର ତଥା ଓଡ଼ିଶା ସରକାରଙ୍କ ସହଭାଗୀତାରେ ନିର୍ମିତ ହୋଇଥିଲା । ସ୍ଲମ୍ କ୍ୱାର୍ଟର ସମ୍ପର୍କିତ ମାମଲା ଗୁଡ଼ିକ ଓକିଲ ଶ୍ରୀ ମାନସ ମହାପାତ୍ର, ଶ୍ରୀ ପ୍ରଦୀପ୍ତ କୁମାର ମହାନ୍ତି, ନିରଞ୍ଜନ ପଣ୍ଡା, ବିଭୁପ୍ରସାଦ ତ୍ରିପାଠୀ, ମୃଣାଳିନୀ ପାଢ଼ୀ, ୰ ସତ୍ୟବ୍ରତ ପ୍ରଧାନ ବି.ଏମ୍.ସି ତରଫରୁ ପରିଚାଳନା କରୁଥିଲେ । ମାମଲା ଗୁଡ଼ିକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରଦ୍ଦ ହୋଇଯିବା ପରେ ବର୍ତମାନ ରଦ୍ଦ ହୋଇଯାଇଥିବା ମାମଲା ଗୁଡ଼ିକ ଉପରେ ସର୍ବୋଚ୍ଚ ନ୍ୟାୟାଳୟରେ **SLP No.-13303/2024** ଫାଇଲ୍ କରାଯାଇଅଛି ଏବଂ ଏଗୁଡ଼ିକ ବିଚାରାଧିନ ଅଛି ।

ବର୍ତମାନ ସ୍ଲମ୍ କ୍ୱାର୍ଟର ସମ୍ବନ୍ଧୀୟ କେଶ୍ ଗୁଡ଼ିକ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧିନ ଅଛି ।

ଶପଥ ପାଠ ସମ୍ବନ୍ଧୀୟ କାଗଜାତ ପ୍ରଦାନ କରାଯାଇଅଛି ।

<u>ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ ନଂ-୫୫</u>

ପ୍ରଶ୍ନ-୨(୬). The Odisha Municipal Corporation Act-2003 ର Section-33 ଏବଂ ୩୪ ଅନୁଯାୟୀ In Anticipation of the approval & power in the Emergency of Mayor ନିୟମକୁ ଚଳିତ କର୍ପୋରେସନ ଗଠନ ତାରିଖରୁ ଆଜି ଯାଏଁ (୨୦୨୨ ଏପ୍ରିଲ୍) ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ଖର୍ଚ୍ଚବହୁଳ Public Interest Projects Corporation ର ବିନା ଆପ୍ରୁଭାଲ୍‌ରେ ଉପରୋକ୍ତ Section-33 ଏବଂ ୩୪ କୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରି ଶହ ଶହ କୋଟି ପବ୍ଲିକ୍ ମନିକୁ ଦୁର୍ନୀତି ମୁହଁକୁ ଠେଲି ଦିଆଯାଇଛି । ଆପଣ ମାନଙ୍କ ଜାଣିବା ନିମନ୍ତେ ପ୍ରକାଶ ଥାଉକି, Sec.-33 ଅନୁଯାୟୀ କର୍ପୋରେସନ ଜରୁରୀ କାର୍ଯ୍ୟ ପାଇଁ ଆଗନ୍ତୁରା ମେୟର କୌଣସି ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁମତି ଦେଇପାରିବେ, କିନ୍ତୁ ଏଥିପାଇଁ କର୍ପୋରେସନ ମେୟରଙ୍କୁ ଲିଖିତ ଭାବେ ଅନୁମତି ଦେବା ଉଚିତ୍ । Under Sect.-33, Sub section-2 ଏଭଳି ପରିସ୍ଥିତିରେ ମେୟର କୌଣସି In Anticipation Approval ଦେଲାପରେ ତୁରନ୍ତ କର୍ପୋରେସନକୁ ଏହାର ଆବଶ୍ୟକତା, Estimated Cost & other aspects ବାବଦରେ ସମ୍ପୂର୍ଣ୍ଣ ବିବରଣୀ ଦେବେ । Under Sect.-34 in emergency power of Mayor ନିୟମ ଅନୁଯାୟୀ, emergency ଅର୍ଥାତ୍ ଜରୁରୀକାଳୀନ ପରିସ୍ଥିତିରେ ହିଁ କେବଳ ଏହି କ୍ଷମତାକୁ ଉପଯୋଗ କରିବେ । Emergency means emergency, emergency ନାମରେ ବିନା ground ରେ ଅର୍ଥାତ୍ ବିନା ଜରୁରୀକାଳୀନ ପରିସ୍ଥିତିରେ ଏହାକୁ ଆଳ କରି କର୍ପୋରେସନ ଠାରୁ ଏହି ବିଷୟ ଦୂରେଇ ରଖିବା ପାଇଁ ଉପଯୋଗ କଲେ ଏହା ଉପରୋକ୍ତ ଧାରାର ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ ଅର୍ଥାତ୍ ବେଆଇନ୍ (illegal) । ଏହି ୨ ଟି ଧାରା ଅନୁଯାୟୀ ଯଦି ମେୟର କୌଣସି ପ୍ରୋଜେକ୍ଟକୁ approval ଦେବେ, ତେବେ ତତ୍‌କ୍ଷଣାତ୍ ଏ ବାବଦରେ ସବିଶେଷ ବିବରଣୀ କର୍ପୋରେସନକୁ ଜଣାଇବା ପାଇଁ ବାଧ୍ୟ ହେବେ । ଉପରୋକ୍ତ ଧାରା ଅନୁଯାୟୀ ଯେତେ ଗୋଟି ପ୍ରୋଜେକ୍ଟ ଏପ୍ରିଲ୍-୨୦୨୨ ଠାରୁ ଆଜି ଯାଏଁ (False Emergency) ଆଳ

ଦେଖାଇ କର୍ପୋରେସନଙ୍କୁ avoid କରି (bye-pass କରି) କରିଛନ୍ତି ସେ ସମସ୍ତ ବିବରଣୀ କର୍ପୋରେସନ ଅଫିସ୍‌ରେ ଉପଲବ୍ଧ ଅଛି । ଏହାର ସୁନ୍ଦର ଓ ସରଳ ପ୍ରମାଣ ହେଉଛି ୨୬ ଟି କର୍ପୋରେସନ ମିଟିଙ୍ଗ୍‌ର Final Resolution Copy । ଏଣୁ ଅନୁରୋଧ ମୋର ଏହିକି ଯେ ବିଗତ ଦିନ ମାନଙ୍କରେ ଏପ୍ରିଲ୍-୨୦୨୨ ରୁ ଡ଼ିସେମ୍ବର-୨୦୨୪ ଯେତେଗୋଟି ପ୍ରୋଜେକ୍ଟ, ଛୋଟ କିମ୍ବା ବଡ଼ ଉପରୋକ୍ତ ଆଇନ୍ ଆକରେ Sec.-33 & 34 ଅନୁଯାୟୀ approval in anticipation ବଳରେ କରାଯାଇଛି ସେହିସବୁ ପ୍ରୋଜେକ୍ଟର 1) Estimated Cost ବା Final Expenditure 2) Emergency ର କାରଣ, 3) Project Name ର ଏକ ସମ୍ପୂର୍ଣ୍ଣ ଚିଠା କର୍ପୋରେସନରେ ଉପସ୍ଥାପନା କରନ୍ତୁ । ତତ୍ ସହିତ ଉପରୋକ୍ତ ଧାରାକୁ ଉଲ୍ଲଙ୍ଘନ କରି ନିଷ୍ପତି କରିଥିବା ଯୋଗୁଁ Concerned ଅଧିକାରୀ ବା ଅନ୍ୟ କେହି ଦାୟୀ ବ୍ୟକ୍ତିବିଶେଷଙ୍କୁ କିଭଳି ଦଣ୍ଡ ବିଧାନ କରାଯିବ ? ଏବଂ ଯେଉଁସବୁ ପ୍ରୋଜେକ୍ଟ ଗୁଡ଼ିକୁ ଉପରୋକ୍ତ ଆଇନ୍ ଉଲ୍ଲଙ୍ଘନ କରି approval ଦିଆଯାଇଥିବ ତା'ର ବୈଧତା (validity) କେତେଦୂର ଆଇନ୍ ସମ୍ମତ (legal) ସରଳ ଭାଷାରେ ଉତର ଦିଅନ୍ତୁ । ଅନୁଗ୍ରହ କରି ଉପରୋକ୍ତ ପ୍ରଶ୍ନକୁ ଗଭୀର ଭାବେ ଅନୁଧ୍ୟାନ କରି ସଠିକ୍ ଉତର ଦିଅନ୍ତୁ ।

ଉତ୍ତର -୨(୬). ଉକ୍ତ ପ୍ରଶ୍ନର ଉତର ତଥ୍ୟ ଭିତିକ ହୋଇଥିବାରୁ କର୍ପୋରେଟର ମହୋଦୟ ଯେ କୌଣସି କାର୍ଯ୍ୟ ଦିବସ ସମୟରେ ସଂପୃକ୍ତ ଉପବିଭାଗରୁ ଦେଖିପାରିବେ ।

<u>ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା, ୱାର୍ଡ଼ ନଂ-୩୮</u>

ପ୍ରଶ୍ନ-୨(୭). Regarding Ward No.-38 boundary dispute beside "Kasturba School via-Kali Mandir to Damayanti Apartment Chhaka". Please do clarity to this house to whom it belongs that dispute site ?

ଉତ୍ତର -୨(୭). A letter has been issued to the Zonal Commissioner, I/C (South-West Zone) for Joint Demarcation of boundary line of Ward No.-37 & 38 in Mouza Nayapalli besides Kasturba School via-Kali Mandir to Damayanti Apartment Chhaka on dt.02.05.2025 at 11 A.M. Ward Delimitation vide H&UD Department Notification Letter No.-1556 dt.28.01.2022.

In connection to the question the necessary reply will be submit to the next Corporation Meeting after obtaining the Joint Enquiry Report against the Letter No.-19857 dt.21.04.2025.

<u>ଶ୍ରୀମତୀ ଇତିଶ୍ରୀ ଦାସ, ୱାର୍ଡ଼ ନଂ-୧୩</u>

ପ୍ରଶ୍ନ-୨(୮). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ଏକ ବର୍ଷ ଧରି ନିର୍ମାଣାଧୀନ ଥିବା ୱାର୍ଡ଼ ଅଫିସ୍ କାର୍ଯ୍ୟ ଯେଉଁଭଳି ଧିମା ଗତିରେ କାମ ଚାଲିଛି ସେ କଂଟ୍ରାକ୍ଟରକୁ କହିଲା ପରେ ମଧ କାର୍ଯ୍ୟ ଆଗଉନାହିଁ ଏବଂ ବିଭାଗୀୟ ଅଧିକାରୀଙ୍କ ତରଫରୁ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ । କଂଟ୍ରାକ୍ଟର ମନଇଚ୍ଛା କାମ କରୁଛନ୍ତି ଯେମିତି ଲାଗୁଛି ବିଭାଗୀୟ ଅଧିକାରୀଙ୍କ କଂଟ୍ରୋଲ୍‌ରେ ନାହିଁ ତାଙ୍କୁ ତାଗିଦ୍ କରିବାକୁ । ମୁଁ ଗତ ତା ୨୭.୦୧.୨୦୨୪ ରିଖର କର୍ପୋରେସନ ଆଲୋଚନାରେ ଏହି ବିଷୟରେ ଗୃହକୁ ଅବଗତ କରାଇବା ପରେ ଉତର ମିଳିଥିଲା ୩ ମାସ ମଧରେ କାମ ଶେଷ ହେବ କିନ୍ତୁ ଦୁଃଖର ବିଷୟ ଆଜି ଯାଏଁ କୌଣସି କାମ ଆଗେଇଲା ନାହିଁ ତିନି ମାସ ତଳେ ଯାହା କାମ ହୋଇଥିଲା ସେତିକିରେ ହିଁ ଅଟକିଛି କଣ ପାଇଁ ? ମୁଁ ନିର୍ଦ୍ଦିଷ୍ଟ ଭାବେ ଆପଣଙ୍କ ମାଧମରେ ଜାଣିବାକୁ ଚାହେଁ କି କେତେ ଦିନ ଭିତରେ ୱାର୍ଡ଼ ଅଫିସ୍ କାର୍ଯ୍ୟ ସରିବାକୁ କଂଟ୍ରାକ୍ଟରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା । ସେ କୌଣସି କାର୍ଯ୍ୟ ଆଉ କରୁନଥିବାରୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାଣି ଏବଂ ଆଉ କେତେ ଦିନ ନାଁ କେତେ ବର୍ଷ ଭିତରେ ସମ୍ପୂର୍ଣ୍ଣ କାର୍ଯ୍ୟ ସାରି ୱାର୍ଡ଼ବାସୀଙ୍କୁ ହସ୍ତାନ୍ତର କରାଯିବ ଗୃହକୁ ଜଣାଇବେ କି ?

ଉତ୍ତର -୨(୮). ୱାର୍ଡ଼ ଅଫିସ୍ ନିର୍ମାଣ ନିମନ୍ତେ ୱାର୍ଡ଼ ନଂ-୧୩ ରେ ଜାଗା ଚିହ୍ନଟ କରାଯାଇ କାର୍ଯ୍ୟାରମ୍ଭ ନିମନ୍ତେ ଠିକାଦାରଙ୍କୁ କାର୍ଯ୍ୟାଦେଶ ନଂ-୨୦୨୦୫ ତା ୨୬.୦୪.୨୦୨୩ ରିଖ ଦ୍ୱାରା ଆଦେଶ ଦିଆଯାଇଥିଲା । କିନ୍ତୁ ତା ୨୩.୧୧.୨୦୨୩ ରିଖ ପର୍ଯ୍ୟନ୍ତ ପ୍ରକଳ୍ପ ସ୍ଥାନରୁ Encroachment eviction ହୋଇନଥିଲା । କାର୍ଯ୍ୟାରମ୍ଭ ସମୟରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଉକ୍ତ ଜାଗାରେ ସ୍ଥଗିତାଦେଶ ଦେଇଥିଲେ । ଇତି ମଧରେ ୨୦୨୪ ସାଧାରଣ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା ଏବଂ ତା ୦୪.୦୬.୨୦୨୪ ରିଖ ପର୍ଯ୍ୟନ୍ତ ବଳବତର ଥିଲା । ଜାଗା (land) finalisation ପାଇଁ ସମୟ

ଲାଗିଲା । G.A Department ରୁ ଜାଗା ଚିହ୍ନଟ ପରେ ଗଛକଟା ପାଇଁ ସମୟ ଲାଗିଲା । ଗଛକଟା ପରେ କାର୍ଯ୍ୟ ଆରମ୍ଭ ହୋଇଅଛି ଏବଂ ଏହା ଖୁବ୍ ଶୀଘ୍ର ସରିବ । ଆଗାମୀ ୨ ମାସ ଭିତରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରାଯାଇଅଛି ।

ପ୍ରଶ୍ନ-୨(୯). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ଜବରଦଖଲକାରୀ ସଂଖ୍ୟା ଏମିତି ବଢ଼ିଗଲାଣି ଯେ ଆଉ ଡ୍ରେନ୍ ଗୁଡ଼ିକୁ ମଧ ଛାଡୁନାହାଁନ୍ତି ନୀଳମାଧବ ଆବାସ ଆଗରେ ରାସ୍ତା କଡ଼ରୁ କେୟାର୍ ହସ୍ପିଟାଲ୍ ଦେଇ ଯାଇଥିବା ଡ୍ରେନ୍ ଏବଂ ରାସ୍ତା ଉପରେ ଆଉ ଜାଗା ରଖୁନାହାଁନ୍ତି ଆଗକୁ ଆଗକୁ ଜବରଦଖଲ କରି ମାଡ଼ି ଚାଲିଛନ୍ତି ଆଉ ଗୋଟେ ଡ୍ରେନ୍ ହେଲା ଶିଶିର ଓଙ୍କେଡ୍ ବୁଥ୍ ସାମ୍ନାରୁ ସିଅନ ଶ୍ରମିକ ବସ୍ତି ଦେଇ ଯାଇଥିବା ଡ୍ରେନ୍ ଉପରେ ଘର କରିବା ଆରମ୍ଭ ହୋଇଗଲାଣି ଆଉ ଗୋଟେ ଜାଗା ଏଚ୍‌ଆଇଜି ଇଲେକ୍ଟ୍ରି ସବ୍‌ଷ୍ଟେସନ୍ ଆଗରେ ଜବରଦଖଲ ଏମିତି ହେଲାଣି ଇଲେକ୍ଟ୍ରି ବିଭାଗ କାମ କରିବାକୁ ଆଗାମୀ ଦିନରେ ଆଉ ପଶିପାରିବେ ନାହିଁ । ଆଉ ଗୋଟିଏ ଇ.ଡ଼ବ୍ଲୁ.ଏସ୍ ୫ ନମ୍ବର ବ୍ଲକ୍‌ରେ ଜଣେ ଲୋକ ଜୋର୍ ଜବରଦସ୍ତ ଡ୍ରେନ୍ ଏବଂ ପାଣି ଲାଇନ୍ ଉପରେ ଘର ଆରମ୍ଭ କରିବା ସମୟରେ ସେ ବ୍ଲକ୍‌ର ଲୋକମାନେ ମୋତେ ଜଣାଇଲେ ମୁଁ ତୁରନ୍ତ ପିଏଚ୍‌ଡ଼ି ବିଭାଗକୁ ଅବଗତ କରାଇବା ପରେ ସେ ତୁରନ୍ତ ତଦନ୍ତ କରି ବି.ଏମ୍.ସି ଉତର ଜୋନ୍ ଜେଡ଼ିସିଙ୍କୁ ଚିଠି କରିଥିଲେ କିନ୍ତୁ ଆମ ୱାର୍ଡ଼ ବି.ଏମ୍.ସି ଅଧିକାରୀ ସାନିଟାରୀ ଇନିସ୍‌ପେକ୍ଟର ଏବଂ ୱାର୍ଡ଼ ଅଫିସରଙ୍କୁ ଜଣେଇଲା ପରେ କୌଣସି ପଦକ୍ଷେପ ଆଜିଯାଏଁ ନେଲେ ନାହିଁ ଯାହା ଫଳରେ ସେ ଲୋକ ଘର ପୁରା କରିସାରି ଭଡ଼ା ଲଗେଇଦେଲେ ମୁଁ ଆମ ଅଧିକାରୀଙ୍କୁ ପଚ୍ଚରିବାରୁ କହିଲେ ଆମେ ଜୋନାଲ୍ ଡ଼େପୁଟି କମିଶନର ସାର୍‌ଙ୍କୁ ଜଣେଇଲୁ ସେ କୌଣସି ଆକ୍ସନ ନେଲେ ନାହିଁ ଆମେ କ'ଣ କରିପାରିବୁ ? ତା ପରେ ମୁଁ ଜୋନାଲ୍ ଡ଼େପୁଟି କମିଶନର ସାର୍‌ଙ୍କୁ ଲିଖିତ ଭାବେ ଜଣେଇବା ପରେ ମଧ ୩ ମାସ ହୋଇଗଲାଣି କୌଣସି ଆକ୍ସନ ନିଆଗଲା ନାହିଁ ବର୍ତ୍ତମାନ ଜବରଦଖଲ ଆହୁରି ମାଡ଼ିଗଲାଣି । ମୁଁ ଲିଖିତ ଭାବେ ଜଣେଇଲା ପରେ କଣ ପାଇଁ ଆଜିଯାଏଁ ଜବରଦଖଲ ହଟାଗଲା ନାହିଁ ଦୟାକରି ଗୃହକୁ ଜଣାଇବେ କି ? କେତେ ଦିନ ମଧରେ ଡ୍ରେନ୍ ଏବଂ ରାସ୍ତା ଉପରୁ ଜବରଦଖଲ ଉଚ୍ଛେଦ କରାଯିବ ଜଣାଇବେ କି ?

ଉତ୍ତର -୨(୯). ନୀଳମାଧବ ଆବାସ ବସ୍ତି ସମ୍ମୁଖରେ ଥିବା ରାସ୍ତାପାର୍ଶ୍ୱ ଓ ଡ୍ରେନ୍ ଉପରେ ହେଉଥିବା ଜବରଦଖଲକୁ ନିୟମିତ ତଦାରଖ କରାଯାଇ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି ।

ଶିଶିର ଓଙ୍କେଡ୍ ବୁଥ୍ ସାମ୍ନାରୁ ସିଅନ ଶ୍ରମିକ ବସ୍ତି ଦେଇ ଯାଇଥିବା ଡ୍ରେନ୍ ଉପରେ ୨ ଗୋଟି ଅସ୍ଥାୟୀ ସେଡ୍ ନିର୍ମାଣ ହୋଇଅଛି । ଏହାକୁ ଉଚ୍ଛେଦ ନିମନ୍ତେ ସମ୍ପୃକ୍ତ ଜବରଦଖଲ କରିଥିବା ବ୍ୟକ୍ତି ମାନଙ୍କୁ ଉଚ୍ଛେଦ କରିବା ନିମନ୍ତେ ଅବଗତ କରାଯାଇଅଛି ।

ଇ.ଡ଼ବ୍ଲୁ.ଏସ୍ ୫ ନମ୍ବର ବ୍ଲକ୍ ବି.ଡ଼ି.ଏ ର ନିଜସ୍ୱ ପ୍ରୋଜେକ୍ଟ ହୋଇଥିବାରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ପତ୍ରସଂଖ୍ୟା-୧୬୬୩ ତା ୨୦.୦୨.୨୦୨୫ ରିଖରେ ଅନୁରୋଧ କରାଯାଇଅଛି । ପ୍ରକାଶ ଥାଉକି, ଇତି ମଧରେ ଜବରଦଖଲ କରିଥିବା ଜ୍ୟୋସ୍ନାମୟୀ ଦତ ଙ୍କୁ ଓଡ଼ିଏ କୋର୍ଟ ତରଫରୁ ତା ୦୩.୦୪.୨୦୨୫ ରିଖରେ ଉତର ରଖିବା ପାଇଁ କୁହାଯାଇଅଛି ଯାହାକି ଓଡ଼ିଏ କୋର୍ଟରେ ବିଚ୍ଚାରାଧିନ ଅଛି ।

ଏଚ୍.ଆଇ.ଜି ଇଲେକ୍ଟ୍ରି ସବ୍‌ଷ୍ଟେସନ୍ ଆଗରେ ହୋଇଥିବା ଘରଟି MLA Lad ରେ ନିର୍ମାଣ କରାଯାଇଅଛି ।

<u>ଶ୍ରୀ ଅଜିତ୍ ବେହେରା, ୱାର୍ଡ଼ ନଂ-୪୪</u>

ପ୍ରଶ୍ନ-୨(୧୦). ଭୁବନେଶ୍ୱର ମହାନଗର ନିଗମରେ କେତେ ଜଣ ଅମିନ ଅଛନ୍ତି ସବୁଠାରୁ ଅଧିକ ପୁରୁଣା ଅମିନ କେଉଁମାନେ ଅଛନ୍ତି ? କିଛି ଅମିନଙ୍କ ମାର୍କେଟ୍ ବିଲଡ଼ିଙ୍ଗ୍ ରୁ ହୋଇଥିବା ଦୋକାନରୁ ପଇସା ପାଉଛନ୍ତି ବୋଲି ଆପଣଙ୍କ ପାଖରେ ଖବର ଅଛି କି, ଯଦି ଆମର ନୂଆ ଅମିନ ନିଯୁକ୍ତି ଅଛନ୍ତି ତାହା କେମିତି ନିଯୋଜିତ ହୋଇଛନ୍ତି, ଅମିନମାନେ ତିଆରି କରୁଥିବା ୱାର୍ଡ଼ ନକ୍ସା ଗୁଡ଼ିକ ଭୁଲ୍ ଆସୁଛି ତାହା କିପରି ସଠିକ୍ ହେବ ଉପାୟ ଦିଅନ୍ତୁ ?

ଉତ୍ତର -୨(୧୦). ଭୁବନେଶ୍ୱର ମହାନଗର ନିଗମର ଭୂ-ବିଭାଗରେ ବର୍ତ୍ତମାନ ଦୁଇ ଜଣ ଅମିନ କାର୍ଯ୍ୟରତ ଅଛନ୍ତି, ଯେଉଁ ମାନଙ୍କର ନିଯୁକ୍ତି ଆଦେଶନାମା ଗୃହ ଓ ନଗର ଉନ୍ନୟନ ବିଭାଗର ପତ୍ରସଂଖ୍ୟା-୪୪୮୯/HUD ତା ୨୩.୦୨.୨୦୨୪ ରିଖରେ ମହାନଗର ନିଗମକୁ ପ୍ରେରଣ କରାଯାଇଥିଲା ।

ଭୁବନେଶ୍ୱର ମହାନଗର ନିଗମରେ ବର୍ତ୍ତମାନ ୦୯ ଜଣ ସ୍ଥାୟୀ ଏବଂ ୧ ଜଣ ଡି.ଏଲ୍.ଆର. ଅମିନ କାର୍ଯ୍ୟରତ ଅଛନ୍ତି । ତନ୍ମଧ୍ୟରୁ ଶ୍ରୀ ନିରଞ୍ଜନ ବାହିନୀପତି, ଶ୍ରୀ ପୁର୍ଣ୍ଣେନ୍ଦୁ କୁମାର ପଧାନ,

ଶ୍ରୀ କାମଦେବ ମତଗଜ ସିଂ, ଶ୍ରୀ କିଶୋର କୁମାର ବେହେରା, ପୁରୁଣା ସ୍ଥାୟୀ ଅମିନ ଏବଂ ଶ୍ରୀ ଉପେନ୍ଦ୍ର କୁମାର ସ୍ୱାଇଁ ଡି.ଏଲ୍.ଆର୍. ଅମିନ ଅଛନ୍ତି । ନୂଆ ଅମିନମାନେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗଙ୍କ ଦ୍ୱାରା ନିଯୁକ୍ତ ହୋଇ ଏହି ମହାନଗର ନିଗମରେ କାର୍ଯ୍ୟରତ ଅଛନ୍ତି ।

ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ଯୋଜନା ଉପବିଭାଗରେ ୧ ଜଣ ଆଉଟ୍ ସୋର୍ସିଂ ମାଧମରେ ନିୟୋଜିତ ହୋଇଥିବା ଅମିନ, ୧ ଜଣ ଡି.ଏଲ୍.ଆର୍. ଅମିନ ଏବଂ ୧ ଜଣ ଏଫ୍.ଆଇ. ଆଉଟ୍ ସୋର୍ସିଂ ମାଧମରେ ନିୟୋଜିତ ହୋଇ କାର୍ଯ୍ୟ କରୁଅଛନ୍ତି । ଯୋଜନା ଉପବିଭାଗରେ ସବୁଠାରୁ ପୁରୁଣା ଶ୍ରୀ ସନ୍ତୋଷ କୁମାର ସାହୁ ଡି.ଏଲ୍.ଆର୍. ଅମିନ ଭାବେ କାର୍ଯ୍ୟ କରୁଅଛନ୍ତି । ଯୋଜନା ଉପବିଭାଗରେ ନୂତନ ଭାବେ ନିଯୁକ୍ତି ପାଇଥିବା ୨ ଜଣ ଅମିନ ତାଙ୍କ କାର୍ଯ୍ୟରୁ ସ୍ୱଇଚ୍ଛାରେ ଇସ୍ତଫା ଦେଇ ଅନ୍ୟତ୍ର ନିଯୁକ୍ତି ପାଇ ଚାଲିଯାଇଛନ୍ତି । ଯୋଜନା ଉପବିଭାଗରେ କାର୍ଯ୍ୟରତ ଥିବା ଅମିନମାନେ ୱାର୍ଡ ନକ୍ସା ପ୍ରସ୍ତୁତ କରନ୍ତି ନାହିଁ । କିଛି ଅମିନ ମାର୍କେଟ ବିଲଡିଂରୁ ହୋଇଥିବା ଦୋକାନରୁ ପଇସା ପାଉଥିବା ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ନାହିଁ ।

ପ୍ରଶ୍ନ-୨(୧୧). ଭୁବନେଶ୍ୱର ମହାନଗର ନିଗମ କର୍ପୋରେସନ ବୈଠକ ତା ୨୧.୦୬.୨୦୨୪ ରିଖରେ ନୂତନ ଛଅ ଗୋଟି ପ୍ୟାକେଜ୍‌ରେ ଡ଼ୋର୍ ଟୁ ଡ଼ୋର୍ ସଫେଇ ଓ ପରିବହନ କାର୍ଯ୍ୟ କରିବା ପାଇଁ କରାଯାଇଥିବା ଟେଣ୍ଡର ବିଷୟରେ ଆଲୋଚନା କରାଯାଇଥିଲା ଯେ ଏହି କାର୍ଯ୍ୟ ପାଇଁ ଅଲଗା ଅଲଗା ଟେଣ୍ଡର କରାଯିବା ଦ୍ୱାରା ସହରର ସଫେଇ ପରିମଳ ପାଇଁ ବି.ଏମ୍.ସି ର ଅଧିକ ଖର୍ଚ୍ଚ ହେଉଅଛି । ଏଣୁ ସେଥିପାଇଁ ବି.ଏମ୍.ସି ର ସଫେଇ ଏବଂ ପରିବହନ ପାଇଁ କମ୍ପୋଜିଟ୍ ଟେଣ୍ଡର କରାଯାଉ ଏବଂ ଅଲଗା ଅଲଗା ଟେଣ୍ଡର କରାନଯାଉ । ଏହି ପରିପ୍ରେକ୍ଷିରେ ସଭାପତିଙ୍କ ଅନୁମତି କ୍ରମେ ବି.ଏମ୍.ସି କମିଶନରଙ୍କ ଠାରୁ ଆମେ ଜାଣିବାକୁ ଚାହୁଁଛୁ ଯେ, କେଉଁ ଉଦ୍ଦେଶ୍ୟରେ ଡ଼ୋର୍ ଟୁ ଡ଼ୋର୍ ସଫେଇ ଓ ପରିବହନ କାର୍ଯ୍ୟ କରିବା ପାଇଁ ସଂସ୍ଥା ମାନଙ୍କୁ ଚୟନ କରାଯାଇଅଛି ଓ ଏହାର ସମ୍ପୂର୍ଣ୍ଣ ବିବରଣୀ ଯଥା କେଉଁ କେଉଁ ସଂସ୍ଥାକୁ କେଉଁ କେଉଁ ଆଧାରରେଏହି କାର୍ଯ୍ୟ ପାଇଁ ଯୋଗ୍ୟ ବିବେଚିତ କରାଯାଇଅଛି ଏବଂ କେଉଁ କେଉଁ ସଂସ୍ଥାକୁ କେଉଁ କେଉଁ ଆଧାରରେ ଖାରଜ କରାଯାଇଅଛି ? ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୨୦ ମସିହାରୁ ଇ-ଟେଣ୍ଡର ବା ଅନ୍‌ଲାଇନ୍ ଟେଣ୍ଡର ପ୍ରକ୍ରିୟା ପାଇଁ ଆଇନ୍ ଥିବାବେଳେ ତାହାର ଖୋଲାଖୋଲି ଉଲ୍ଲଙ୍ଘନ କରି ଲୁକାୟିତ ଭାବେ ଅଫ୍‌ଲାଇନ୍ ଟେଣ୍ଡର କରିବା ପଛରେ ରହସ୍ୟ କ'ଣ ? ଏହା କାହା ନିର୍ଦ୍ଦେଶରେ କାର୍ଯ୍ୟକାରୀ ହେଉଛି ଆମ୍ଭେମାନେ ଜାଣିବାକୁ ଚାହୁଁଛୁ । ଗତ ତା ୨୫.୧୧.୨୦୨୪ ରିଖ ମିଟିଙ୍ଗ୍‌ରେ କମ୍ପୋଜିଟ୍ ଟେଣ୍ଡର ବଦଳରେ ଅଲଗା ଅଲଗା ଟେଣ୍ଡର କରିବା ପାଇଁ ମନ୍ତବ୍ୟ ରଖିଥିଲେ ଯାହାକି ଧର୍ମଘଟ ବା ଷ୍ଟ୍ରାଇକ୍ ସମୟରେ କାର୍ଯ୍ୟରେ ବାଧା ସୃଷ୍ଟି କରାଇବ ନାହିଁ, ଯାହାକୁ କି ଆମେ ସମ୍ମାନ ଜଣାଉଅଛୁ । ମାତ୍ର ଏବେକାର ପରିସ୍ଥିତିରେ ଏତେ ତରବରିଆ ଭାବେ ଯୁଦ୍ଧକାଳୀନ ଭିତିରେ ଟେଣ୍ଡର କରିବାର କାରଣ କ'ଣ ? ବି.ଏମ୍.ସି ଅଫିସର ଅଫିସ୍‌ରେ ବସନ୍ତି, ଆମେମାନେ ଜନପ୍ରତିନିଧି ଭାବେ ସର୍ବଦା ୱାର୍ଡ଼ରେ ଜନସାଧାରଣଙ୍କ ସହ ରହିଅଛୁ, ତେଣୁ ଏବେ ଡ଼ୋର୍ ଟୁ ଡ଼ୋର୍ କଲେକ୍ସନ୍ ସୁରୁଖୁରୁରେ ଚାଲିଥିବା ବେଳେ, ସଜଡ଼ା କାର୍ଯ୍ୟକୁ ଉଜାଡ଼ିଦେବା ପଛରେ କାହାର କୁସ୍ୱାର୍ଥ ରହିଛି ଏବଂ ପୁନର୍ବାର ଆମେ କମିଶନରଙ୍କ ନିକଟରୁ ଜାଣିବାକୁ ଚାହୁଁଛୁ ଯେ ଚୟନ କରାଯାଇଥିବା ସଂସ୍ଥା ମାନଙ୍କ ମଧ୍ୟରୁ କେତେ ସଂସ୍ଥା ଓଡ଼ିଶାର ଏବଂ କେତେ ସଂସ୍ଥା ଓଡ଼ିଶା ବାହାରର ? ଓଡ଼ିଶାରେ କ'ଣ ସଂସ୍ଥାର ଅଭାବ ରହିଛି ନା କାହାର ନିଜସ୍ୱ ସ୍ୱାର୍ଥ ପୂରଣ ନିମନ୍ତେ ଏହିପରି ପଦକ୍ଷେପ ଗ୍ରହଣ କରାଯାଇଅଛି ତାହାର ଉତର ରଖିବା ପାଇଁ ଉଭୟ କମିଶନର ସାର୍ ଓ ମେୟର ମ୍ୟାଡ଼ାମ୍‌ଙ୍କୁ ଅନୁରୋଧ ।

ଉତର -୨(୧୧). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଘରକୁ ଘର ପୃଥକ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ନିମନ୍ତେ ୬ ଗୋଟି ପ୍ୟାକେଜରେ ଟେଣ୍ଡର ଆହ୍ୱାନ କରିବାକୁ ନିଷ୍ପତ୍ତି ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଅନୁମୋଦନ ଲାଭ କରିଥିଲା । ଅନୁମୋଦନ ପରେ ଭୁବନେଶ୍ୱର ମହାନଗର ନିଗମ ତରଫରୁ RFP ସଂଖ୍ୟା - ୪୦୪୯୭ ତା ୦୧.୦୬.୨୦୨୪ ରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । କିନ୍ତୁ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ ବୈଠକ ତା -୨୫. ୧୧.୨୦୨୪ ରିଖରେ ଏହି Door to Door Collection ଟେଂଡରଟିକୁ କମ୍ପୋଜିଟ ଟେଂଡର କରିଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହି ପ୍ରସ୍ତାବଟିକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅନୁମୋଦନ ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ତରଫରୁ ପତ୍ର ସଂଖ୍ୟା -୫୧୩୮୩ ତା . ୧୩.୧୨.୨୦୨୪ ରିଖରେ ଏକ ପତ୍ର ପ୍ରେରଣ କରାଯାଇଥିଲା (Annexure -1) । ମାତ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ପତ୍ର ସଂଖ୍ୟା-୧୫୫୯ ତା ୨୨.୦୧.୨୦୨୫ ରିଖରେ ପୂର୍ବ ଅନୁମୋଦିତ ଟେଂଡରଟିକୁ ଆଗକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

ଏହି ନିର୍ଦ୍ଦେଶକୁ ଭିତ୍ତିକରି ଭୁବନେଶ୍ୱର ମହାନଗର ନିଗମ ଟେଂଡର କମିଟିଙ୍କ ଦ୍ୱାରା ଏହି ଟେଂଡରଟିରେ ଭାଗ ନେଇଥିବା ସଂସ୍ଥାଗୁଡିକର ପ୍ରସ୍ତାବ ଯାଞ୍ଚ କରାଯାଇଥିଲା । ବର୍ତ୍ତମାନ ମାନନୀୟ କର୍ପୋରେଟର ୱାର୍ଡ ନଂ ୪୪ ଙ୍କ ପ୍ରଶ୍ନ ଅନୁସାରେ କେଉଁ ସଂସ୍ଥାମାନଙ୍କୁ ଚୟନ କରାଯାଇଅଛି ଓ ଏହାର ସମ୍ପୂର୍ଣ୍ଣ ବିବରଣୀ ଯଥା-କେଉଁ କେଉଁ ସଂସ୍ଥାକୁ କେଉଁ ଆଧାରରେ ଏହି କାର୍ଯ୍ୟ ପାଇଁ  ଯୋଗ୍ୟ ବିବେଚିତ କରାଯାଇଅଛି ଏବଂ କେଉଁ କେଉଁ ସଂସ୍ଥାକୁ କେଉଁ ଆଧାରରେ ଖାରଜ କରାଯାଇଅଛି । ଏହାର ଉତ୍ତର Annexure -3 ମାଧ୍ୟମରେ ଦର୍ଶାଯାଇଅଛି ।

ଏହି ନୂତନ ଡ଼ୋର-ଟୁ-ଡ଼ୋର କଲେକ୍ସନ୍ ଟେଣ୍ଡର ଟିକୁ www.bmc.gov.in  ୱେବ ସାଇଟ୍ ଏବଂ ଇଂରାଜୀ ନ୍ୟୁଜ୍ ପେପର ('Times of India, All India Edition) ଓ ଓଡ଼ିଆ ନ୍ୟୁଜ୍ ପେପର 'ସମାଜ' ମାଧ୍ୟମରେ ଆଡ଼ଭେଟାଇଜମେଂଟ କରାଯାଇଥିଲା । ଏପରିକି ଟେଣ୍ଡର ନୋଟିସକୁ ମଧ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅନୁମେଦନ କରିଛନ୍ତି । ଏଥିପାଇଁ ଏକ ମାସରୁ ଅଧିକ ସମୟ ଦିଆଯାଇଥିଲା । ଏଣୁ ତରବରିଆଭାବେ କୌଣସି କାର୍ଯ୍ୟ କରାଯାଇ କରାଯାଇ ନାହିଁ । ଏହି ଟେଣ୍ଡର ଗୃହ ନିର୍ମାଣ ଓ ନଗର  ଉନ୍ନୟନ ବିଭାଗର ଅନୁମେଦନ କ୍ରମେ ଏବଂ ସଠିକ୍ ନିୟମ ଅନୁସାରେ କାର୍ଯ୍ୟକାରୀ ହୋଇଅଛି । ଏଥିରେ କୌଣସି ନିୟମ ଉଲ୍ଲଘଂନ କରାଯାଇ ନାହିଁ । ଯେଉଁମାନେ ଯୋଗ୍ୟ ବିବେଚିତ ହେଲେ, ସେହିମାନଙ୍କୁ ଚୟନ କରାଯାଇଛି ଯାହା Annexure-3 ରେ ଦର୍ଶାଯାଇଅଛି ।

ବର୍ତମାନ ଭୁବନେଶ୍ୱର ମହାନଗର ନିଗମ ଦ୍ରୁତ ଗତିରେ ଭାରତବର୍ଷର ଅନ୍ୟ ଅର୍ବାନ ଲୋକାଲ ବଡ଼ି ଯଥା- ମହାରାଷ୍ଟ୍ର, ଦିଲ୍ଲୀ, ଇନ୍ଦୋର, ଆନ୍ଧ୍ର ପ୍ରଦେଶ ଭଳି ବୃହତ୍ କର୍ପୋରେସନଗୁଡ଼ିକ ସହିତ ତାଳ ଦେଇ ଚାଲୁଅଛି । କେବଳ ସେତିକି ନୁହେଁ, ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କିଙ୍ଗକୁ ଆଖି ଆଗରେ ରଖି ଆଗାମି ବର୍ଷମାନଙ୍କରେ ଟପ୍ ଟେନ୍ ରାଙ୍କିଙ୍ଗକୁ ଯିବାକୁ ଉଦ୍ୟମ ଜାରି ରଖିଛି । ଏହି ବୃହତ କର୍ପୋରେସନରେ କାମ କରୁଥିବା ସଂସ୍ଥାଗୁଡ଼ିକର ଅଭିଜ୍ଞତା ଏବଂ ଭବିଷ୍ୟତରେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟ ପରିଚାଳନାରେ ଉନ୍ନତି ଓ ନୂଆ ନିୟମ ଆଧାରରେ କାର୍ଯ୍ୟ କରୁଅଛି । ଭବିଷ୍ୟତରେ ଭୁବନେଶ୍ୱର ମହାନଗର ନିଗମର ପରିମଳ ବ୍ୟବସ୍ଥା କିପରି ସୁଦୃଢ଼ ହେବ, ତାହାକୁ ଦୃଷ୍ଟିରେ ରଖି ଉଚ୍ଚ କର୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଏହି ଟେଣ୍ଡର କରାଯାଇଅଛି ।

<u>ଶ୍ରୀ ଚନ୍ଦ୍ରଶେଖର ମଲିଆ, ୱାର୍ଡ଼ ନଂ-୬୦</u>

ପ୍ରଶ୍ନ-୨(୧୨). ଗତ ତା ୨୭.୦୯.୨୦୨୪ ରିଖ କର୍ପୋରେସନ ବୈଠକରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତା ପ୍ରଦାନ ସମ୍ପର୍କୀୟ ମୋର ପ୍ରଶ୍ନ ସଂଖ୍ୟା-୨(୧୩) ର ଉତରରେ କୁହାଯାଇଥିଲା ଯେ, "ଯେହେତୁ ସରକାରଙ୍କ ଦ୍ୱାରା ବାର୍ଦ୍ଧକ୍ୟ ଭତା ପାଇଁ ଦିଆଯାଇଥିବା ଟାର୍ଗେଟ୍ ପୂରଣ ହୋଇଯାଇଅଛି । ଭିନ୍ନକ୍ଷମ ଏବଂ ବିଧବା ମାନଙ୍କ ଦରଖାସ୍ତକୁ ଅଧିକ ଗୁରୁତ୍ୱ ଦିଆଯାଇ ମଞ୍ଜୁର କରାଯାଉଛି ଏବଂ ପୁରୁଣା ହିତାଧିକାରୀଙ୍କର ମୃତ୍ୟୁବରଣ ପରେ ନୂଆ ଉପଯୁକ୍ତ ହିତାଧିକାରୀ ମାନଙ୍କର ଦରଖାସ୍ତକୁ ମଞ୍ଜୁର କରାଯାଉଛି" । ଏ ସମ୍ପର୍କରେ ଅନୌପଚାରିକ ଭାବେ ମୋର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ମୋ ୱାର୍ଡ଼ ନଂ-୬୦ ରୁ ଭତା ପାଉଥିବା ହିତାଧିକାରୀମାନଙ୍କ ମଧ୍ୟରୁ ଅଦ୍ୟାବଧି  ୧୩ ଜଣରୁ ଅଧିକ ହିତାଧିକାରୀ ମୃତ୍ୟୁବରଣ କରିସାରିଛନ୍ତି । ଯେଉଁମାନଙ୍କ ସ୍ଥାନ ଖାଲିଅଛି ଏବଂ ପ୍ରାୟ ୨୩ ଜଣ ହିତାଧିକାରୀ ବର୍ଷାଧିକକାଳ ନିରବଚ୍ଛିନ୍ନ ଭାବେ ସେମାନଙ୍କର  ଭତା ନେଉନାହାଁନ୍ତି । ସେମାନଙ୍କ ମଧ୍ୟରୁ ହୁଏତ କିଛି ଲୋକ ଭୁବନେଶ୍ୱର ଛାଡ଼ି ଯାଇପାରିଥାନ୍ତି କିମ୍ବା କିଛି ଲୋକ ମୃତ୍ୟୁବରଣ କରିଥାଇପାରନ୍ତି । ତାହା ତଦନ୍ତ ସାପେକ୍ଷ । ଏ ସମ୍ପର୍କରେ ମୁଁ ମୋର ପତ୍ରସଂଖ୍ୟା-୨୦ ତା ୨୪.୦୨.୨୦୨୫ ରିଖରେ ମାନନୀୟା ମେୟରଙ୍କୁ ଏକ ପତ୍ର ଲେଖି ତଦନ୍ତ ମାଧ୍ୟମରେ ପ୍ରକୃତ ଶୂନ୍ୟସ୍ଥାନ ନିର୍ଦ୍ଧାରଣ କରାଯାଇ ପ୍ରଥମେ ଆବେଦନ କରିଥିବା ଯୋଗ୍ୟ ବିଧବା/ ସ୍ୱାମୀ ପରିତ୍ୟକ୍ତା/ ଅବିବାହିତ ମହିଳା/ ଭିନ୍ନକ୍ଷମ ହିତାଧିକାରୀ ମାନଙ୍କର ଭତା ମଞ୍ଜୁର କରାଗଲା ପରେ ଅବଶିଷ୍ଟ ଯୋଗ୍ୟ ବାର୍ଦ୍ଧକ୍ୟ ଭତା ହିତାଧିକାରୀ ମାନଙ୍କ ଦ୍ୱାରା ପୂରଣ କରାଯିବା ପାଇଁ ଅନୁରୋଧ କରିଥିଲି । ମୋର ଏହି ପତ୍ର ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ଦୟାକରି ଜଣାଇବେ କି ? ଯଦି ତଦନ୍ତ ହୋଇଥାଏ, ତେବେ ଆଜି ସୁଦ୍ଧା ୱାର୍ଡ଼ ନଂ-୬୦ ରେ ପ୍ରକୃତ ଶୂନ୍ୟସ୍ଥାନ ସଂଖ୍ୟା କେତେ ଏବଂ ଏଗୁଡ଼ିକ କେବେ ପୂରଣ କରାଯିବ ଦୟାକରି ଜଣାଇବେ କି ?

ଉତ୍ତର -୨(୧୨). ବିଗତ ୨୦୨୪-୨୫ ବର୍ଷ ମଧ୍ୟରେ ମୋଟ ୩୬ ଗୋଟି ଭତା ମଞ୍ଜୁର କରାଯାଇଅଛି । କର୍ପୋରେଟର ମହୋଦୟଙ୍କ ଦ୍ୱାରା ପ୍ରଦତ୍ତ ହିତାଧିକାରୀଙ୍କ ମୃତ୍ୟୁ ତାଲିକାର ତଦନ୍ତ ରିପୋର୍ଟ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ସଂଲଗ୍ନ କରାଯାଇଅଛି ।

ପ୍ରଶ୍ନ-୨(୧୩). ରାଜ୍ୟ ସରକାର ଶେଷ ଥର ପାଇଁ କେବେ, କେତେ ସଂଖ୍ୟକ ବାର୍ଦ୍ଧକ୍ୟ ଭତା ଟାର୍ଗେଟ୍ ଭୁବନେଶ୍ୱର ମହାନଗର ନିଗମକୁ ପ୍ରଦାନ କରିଥିଲେ, ଦୟାକରି ଜଣାଇବେ କି ?

ଉତ୍ତର -୨(୧୩). ରାଜ୍ୟ ସରକାର ଶେଷ ଥର ପାଇଁ ତା ୧୨.୦୨.୨୦୨୪ ରିଖରେ ୧୪୪୫ ବାର୍ଦ୍ଧକ୍ୟ ଭତା ଟାର୍ଗେଟ୍ ଭୁବନେଶ୍ୱର ମହାନଗର ନିଗମକୁ ପ୍ରଦାନ କରିଥିଲେ ।

ଶ୍ରୀ ରଶ୍ମିରଞ୍ଜନ ପାଟଶାଣୀ, ୱାର୍ଡ ନଂ-୬୫

ପ୍ରଶ୍ନ-୨(୧୪). ଇଡ୍‌କୋ ଦ୍ୱାରା ମୋ ୱାର୍ଡ଼ରେ କରାଯାଇଥିବା ଡ୍ରେନ୍ ଗୁଡ଼ିକ ବାବଦରେ ବି.ଏମ୍.ସି ଅବଗତ ଅଛି କି ? ଯଦି ଅବଗତ ଅଛି ତେବେ ରାସ୍ତାକୁ ସଂକୀର୍ଣ୍ଣ କରାଯାଇ ଡ୍ରେନ୍ ନିର୍ମାଣ କାହା ସ୍ୱାର୍ଥରେ କରାଯାଉଛି ଓ ସେ ପାଣି ଗୁଡ଼ିକ କେଉଁଆଡ଼େ ଯିବ ଏହାର ସୁବନ୍ଦୋବସ୍ତ କରାଯିବାକୁ ବି.ଏମ୍.ସି ତରଫରୁ ଇଡ୍‌କୋକୁ ଜଣାଯାଉ । ଏହି ପ୍ରଶ୍ନଟିକୁ ତା ୧୪.୦୮.୨୦୨୩ ରିଖରେ ପ୍ରସ୍ତାବ ଦେବାପରେ ସେତେବେଳର ବି.ଏମ୍.ସି କମିଶନର ଇଡ୍‌କୋକୁ ମିଟିଙ୍ଗ୍ ଡ଼କାଇଥିଲେ, ଯାହାକି ଇଡ୍‌କୋ କରୁଥିବା ଡ୍ରେନ୍ ପାଣି ଗୁଡ଼ିକ ତା'ର Ending Point ନଥିବାରୁ ସେ ଆମ ବି.ଏମ୍.ସି ଡ୍ରେନ୍‌ରେ ପକାଇବ ବୋଲି ଫାଇନାଲ୍ କଲା ଯେ ଇଡ୍‌କୋ ଅଂଚଳ ଭିତରୁ K9 (B) ଦେଇ ମୁଖ୍ୟ ଜୋରରେ ପକାଇବା ପାଇଁ ଇଡ୍‌କୋ ସମସ୍ତ ଟଙ୍କା ବି.ଏମ୍.ସି କୁ ଦେବ ଯାହାକି ବି.ଏମ୍.ସି ଟେଣ୍ଡର ଡ଼ାକି ସମାଧାନ କରିବ ବୋଲି ଆଲୋଚନା ହୋଇଥିଲା । ମୁଁ ବାରମ୍ବାର ପ୍ରସ୍ତାବ ଦେଇଆସୁଥିଲେ ମଧ ବି.ଏମ୍.ସି ଏହାର ସମାଧାନ ପାଇଁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିନାହିଁ । ଏହା ହେବ ନା ନାହିଁ, ଯଦି ହେବ କେତେ ଦିନ ମଧ୍ୟରେ ହେବ ତାହା ଗୃହକୁ ଜଣାଇବେ କି ?

ଉତ୍ତର -୨(୧୪). ଭଗବାନପୁର ଶିଳ୍ପାଂଚଳର ଆଭ୍ୟନ୍ତରୀଣ ନାଳ ଇଡ୍‌କୋ ଦ୍ୱାରା ନିର୍ମାଣ କରାଯାଇଅଛି । ଆଭ୍ୟନ୍ତରୀଣ ଡ୍ରେନ୍ ଗୁଡ଼ିକର ଉପଯୁକ୍ତ ନିଷ୍କାସନ ପାଇଁ ମୁଖ୍ୟ ଡ୍ରେନ୍ ସହିତ ସଂଯୋଗୀକରଣ କରିବାକୁ ଇଡ୍‌କୋ କୁ ଡ୍ରେନେଜ୍ ଉପବିଭାଗ ତରଫରୁ ଅବଗତ କରାଯାଇଥିଲା । ଏଥିପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ନିମନ୍ତେ ଏହି ବିଭାଗ ଦ୍ୱାରା କ୍ଷେତ୍ର ସର୍ଭେ ସମାପ୍ତ ହୋଇଅଛି ।

ପ୍ରଶ୍ନ-୨(୧୫). ପାତ୍ରପଡ଼ା-ଭଗବାନପୁର ଗ୍ରାମରେ ହୋଇଥିବା ଡ୍ରେନ୍ ଗୁଡ଼ିକର ପାଣି ଯାଇ ପ୍ରାଇଭେଟ୍ ଲ୍ୟାଣ୍ଡରେ ପଡୁଛି ଏଥିପାଇଁ ବାରମ୍ବାର ଲୋକ ଅଭିଯୋଗ କରୁଛନ୍ତି । ଏହାର ସମାଧାନ ପାଇଁ ପାତ୍ରପଡ଼ା-ଭଗବାନପୁର ଅଂଚଳରେ ଥିବା ଜମି ଗୁଡ଼ିକ ଅଧିକରଣ କରାଯାଇ ପୃଥକ୍ ପୃଥକ୍ ଭାବେ ମୁଖ୍ୟ ଜୋରରେ ପକାଇବା ପାଇଁ ମୁଁ ବାରମ୍ବାର ପ୍ରସ୍ତାବ ଦେଇଆସୁଥିଲେ ମଧ ବି.ଏମ୍.ସି ଏହାର ସମାଧାନ ପାଇଁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିନାହିଁ । ଏହା ହେବ ନା ନାହିଁ, ଯଦି ହେବ କେତେ ଦିନ ମଧ୍ୟରେ ହେବ ତାହା ଗୃହକୁ ଜଣାଇବେ କି ?

ଉତ୍ତର -୨(୧୫). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଭଗବାନପୁର ପାତ୍ରପଡା ଅଂଚଳର ବନ୍ୟା ଜଳ ନିଷ୍କାସନ ନିମନ୍ତେ ଆଭ୍ୟନ୍ତରୀଣ ଏବଂ ମୁଖ୍ୟ ଡ୍ରେନେଜ ପ୍ରଣାଳୀର ବିକାଶ ପାଇଁ ପ୍ରସ୍ତାବକୁ ଏନଡିଏମ୍‌ଏଫ୍ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି ।

ଆଇଆଇଟି ରୁର୍କୀ ଦ୍ୱାରା ବିସ୍ତୃତ କ୍ଷେତ୍ର କ୍ୟାଚ୍‌ମେଂଟ ସର୍ଭେ କରିବା ସହିତ ବିଭାଗକୁ ବନ୍ୟା ଜଳ ନିଷ୍କାସନ ପାଇଁ ଡିଜାଇନ୍ DPR ପ୍ରଦାନ କରିବା ପରେ କାର୍ଯ୍ୟ ଆରମ୍ଭ କରାଯିବ ।

ଶ୍ରୀମତୀ ସୁଚିତ୍ରା ପାତ୍ର, ୱାର୍ଡ ନଂ-୪୮

ପ୍ରଶ୍ନ-୨(୧୬). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମଧୁବାବୁ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ବିଧବା ଭତା, ବାର୍ଦ୍ଧକ୍ୟ ଭତା ଆବେଦନ କରିବାର କେତେ ଦିନ ମଧ୍ୟରେ ହିତାଧିକାରୀ ମାନଙ୍କୁ ଭତା ପ୍ରଦାନ କରିହେବ ଏହାର କିଛି ସମୟସୀମା ଅଛିକି ? ଆବେଦନପତ୍ର ବହୁଦିନ ଧରି ବି.ଏମ୍.ସି ରେ ପଡ଼ିରହୁଅଛି । ତତ୍ ସହିତ ଭତା ପାଇବା ନିମନ୍ତେ ହିତାଧିକାରୀଙ୍କୁ ଦୀର୍ଘଦିନ (୧.୫ ବର୍ଷ ରୁ ୨ ବର୍ଷ) ଅପେକ୍ଷା କରିବାକୁ ପଡୁଛି । ମୁଖ୍ୟତଃ ମୋ ୱାର୍ଡ଼ରେ ଆବେଦନ କରିବା ହିତାଧିକାରୀଙ୍କୁ କେତେ ଦିନ ମଧ୍ୟରେ ଭତା ଯୋଗାଇ ଦିଆଯିବ ଉତର ରଖନ୍ତୁ ।

ଉତ୍ତର -୨(୧୬). ମଧୁବାବୁ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ବିଧବା ଭତା, ବାର୍ଦ୍ଧକ୍ୟ ଭତା ପାଇବା ନିମନ୍ତେ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନାହିଁ । ସରକାରଙ୍କ ଦ୍ୱାରା ପ୍ରଦତ ଟାର୍ଗେଟ୍ ପୁରା ହୋଇସାରିଛି । ପୁରୁଣା ହିତାଧିକାରୀଙ୍କ ମୃତ୍ୟୁବରଣ ଘଟିଲା ପରେ ତାଙ୍କ ବଦଳରେ ନୂତନ ଆବେଦନକାରୀଙ୍କର ଭତା ମଞ୍ଜୁର କରାଯାଉଅଛି ।

ପ୍ରଶ୍ନ-୨(୧୭). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ଥିବା ୪ ଟି ସୁଲଭ ଶୌଚ୍ଚାଳୟ ମଧ୍ୟରୁ ୩ ଟି ସମ୍ପୂର୍ଣ୍ଣ ରୂପେ ଅଚଳ ହୋଇଯାଇଅଛି । ଶିରିପୁର ମାର୍କେଟ୍ ଅନ୍ତର୍ଗତ ଶୌଚ୍ଚାଳୟଟି ବହୁଦିନ ଧରି ଅଚଳ ହୋଇ ପଡ଼ିରହିବା ସହ ତା' ଚତୁଃପାର୍ଶ୍ୱରେ ଦୋକାନ ଜବରଦଖଲ କରିଥିବା କାରଣରୁ ଏହା ବ୍ୟବହାର ହୋଇପାରୁନାହିଁ । ସି.ଆର୍.ପି ସ୍ଥିତ ପ୍ରିୟଦର୍ଶିନୀ ମାର୍କେଟ୍ ରେ ଥିବା ଶୌଚ୍ଚାଳୟଟି ଆଜିକୁ ୧୮ ମାସ ହେବ କାର୍ଯ୍ୟ ଚାଲୁ ରହିଅଛି । ଫଳରେ ସେଠାକୁ ଆସୁଥିବା ଯାତ୍ରୀ ଓ ମାର୍କେଟ୍ ପରିସରର ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ନୀଳକଣ୍ଠ ନଗର ମୁଣ୍ଡାସାହି ସ୍ଥିତ ଶୌଚ୍ଚାଳୟ ଟି ଆଜିକୁ ୪ ମାସ ହେବ ବନ୍ଦ କରି ରଖାଯାଇଅଛି । ଏହି ଶୌଚ୍ଚାଳୟଟିରେ ପାଖାପାଖି ୨୫୦ ପରିବାର ନିର୍ଭରଶୀଳ ଥିଲେ । ଫଳରେ ସ୍ଥାନୀୟ ଅଂଚଳରେ ସମସ୍ୟା ଦେଖାଯାଉଅଛି । ଏହି ସମ୍ବନ୍ଧରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ । ଦୟାକରି ଏହି ସମସ୍ୟାର କେବେ ସମାଧାନ ହେବ ଏହାର ସ୍ପଷ୍ଟିକରଣ ରଖନ୍ତୁ । ତତ୍ ସହିତ ମୁଣ୍ଡାସାହି ଠାରେ କାମ ନ ସରିବା ପର୍ଯ୍ୟନ୍ତ କୌଣସି ବିକଳ୍ପର ବ୍ୟବସ୍ଥା କରନ୍ତୁ ।

ଉତ୍ତର -୨(୧୭). ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ ୪୮ ଅଧୀନରେ ଥିବା ଚାରିଗୋଟି ଶୌଚାଳୟ ମଧ୍ୟରୁ ତିନି ଗୋଟି public toilet ଓ ଗୋଟିଏ Community toilet ଅଛି | ଏହି ତିନିଗୋଟି public toilet ଯଥାକ୍ରମେ ଶିରିପୁର ହାଟ, ପ୍ରିୟଦର୍ଶିନୀ ମାର୍କେଟ ଏବଂ Capital ford (ମୁଣ୍ଡା ସାହି ନିକଟରେ ) ଅବସ୍ଥିତ ଅଛି |

1. ଶିରିପୁର ମାର୍କେଟ ଅନ୍ତର୍ଗତ ଶୌଚାଳୟଟି ବର୍ତ୍ତମାନ ଜନସାଧାରଣଙ୍କର ବ୍ୟବହାର ଉପଯୋଗୀ ଅଛି ଏବଂ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ NGO Sulabh International (SISSO) ଦ୍ୱାରା ଠିକ ଭାବେ ହେଉଅଛି | ଏହାର Repair/Renovation (ମରାମତି/ନବୀକରଣ) କାର୍ଯ୍ୟ ପାଇଁ ଯଥା ଶୀଘ୍ର ପଦକ୍ଷେପ ନିଆଯିବ |

2. CRP ସ୍ଥିତ ପ୍ରିୟଦର୍ଶିନୀ ମାର୍କେଟରେ ଥିବ ଶୌଚାଳୟ ର ନିର୍ମାଣ କାର୍ଯ୍ୟ ଶେଷ ହୋଇଅଛି ଏବଂ ଏହାର ଉଦଘାଟନ କାର୍ଯ୍ୟ ବାକି ରହିଅଛି, ଯାହାକି ଯଥାଶୀଘ୍ର ଭୁବନେଶ୍ୱର ମହାନଗର ନିଗମର କର୍ତ୍ତୃପକ୍ଷ ଙ୍କ ନିର୍ଦ୍ଦେଶ ଅନୁସାରେ କରାଯିବ ଏବଂ ମାର୍କେଟ ପରିସରକୁ ଆସୁଥିବା ଜନସାଧାରଣଙ୍କର ବ୍ୟବହାର ଉପଯୋଗୀ ହେବ |

3.ନୀଳକଣ୍ଠ ନଗର ମୁଣ୍ଡାସାହିସ୍ଥିତ ଶୌଚାଳୟ ଯାହାକି Capital Ford ନିକଟରେ ଅବସ୍ଥିତ, ଏହାର Repair/Renovation (ମରାମତି/ନବୀକରଣ) କାର୍ଯ୍ୟ NGO Sulabh International (SISSO) ଦ୍ୱାରା ଚାଲୁରହିଅଛି ଯାହାକି ନିକଟ ଭବିଷ୍ୟତରେ ୧(ଏକ) ମାସ ମଧ୍ୟରେ ସମାପ୍ତ ହେବ ଏବଂ ଜନସାଧାରଣଙ୍କର ବ୍ୟବହାର ଉପଯୋଗୀ ହେବ | ଏହି ଶୌଚାଳୟ ର ବିକଳ୍ପ ନିମନ୍ତେ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କରାଯାଇ ଉଚିତ ପଦକ୍ଷେପ ନିଆଯିବ |

4. କନ୍ଧ ସାହି ଠାରେ ଥିବା Community toilet ର Repair/Renovation (ମରାମତି/ନବୀକରଣ) କାର୍ଯ୍ୟ ପାଇଁ estimate ପ୍ରସ୍ତୁତ ହେଉଅଛି ଏବଂ ଖୁବ ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ |

<u>ଶ୍ରୀ ଭରତ କୁମାର ଲେଙ୍କା, ୱାର୍ଡ ନଂ-୪୩</u>

ପ୍ରଶ୍ନ-୨(୧୮). ଦୟାକରି କର୍ପୋରେସନକୁ ଅବଗତ କରାଇବେ କି ଅଜନ୍ତା ଆଡଭର୍ଟାଇଜର ବି.ଏମ୍.ସି ପରିଧି ମଧ୍ୟରେ କେତୋଟି ବିଲ୍ ବୋର୍ଡ ଲଗାଇବାକୁ ଅନୁମତି ଦିଆଯାଇଅଛି ଏବଂ ସେହି ବିଲ୍ ବୋର୍ଡଗୁଡିକର ସାଇଜ୍ କେତେ ବାଇ କେତେ । ତାହା ମୋଟ କେତେ ବର୍ଗଫୁଟ ଅଟେ । ସମୁଦାୟ ଅଜନ୍ତା ଆଡଭର୍ଟାଇଜରକୁ କେତେ ବର୍ଗଫୁଟର ବିଲ ବୋର୍ଡ ଲଗାଇବାକୁ ଅନୁମତି ଦିଆଯାଇଛି ଏବଂ କେଉଁ କେଉଁ ସ୍ଥାନ ପାଇଁ ଅନୁମତି ଦିଆଯାଇଛି । ଏହି ବିଲ୍ ବୋର୍ଡ ପାଇଁ ବିଏମ୍‌ସି ମାସିକ ଅଜନ୍ତା ଆଡଭର୍ଟାଇରେକୁ କେତେ ଟଙ୍କା ଧାର୍ଯ୍ୟ କରିଅଛି । ସେହି ଟଙ୍କାକୁ ଅଜନ୍ତା ଆଡଭର୍ଟାଇଜର ସଠିକ ଭାବରେ ଦେଉଅଛି ନା ନାହିଁ, ତାହା କର୍ପୋରେସନକୁ ଅବଗତ କରାଯାଉ । ଆଜି ପର୍ଯ୍ୟନ୍ତ ଅଜନ୍ତା ଆଡଭର୍ଟାଇଜର, ବିଏମ୍‌ସିକୁ କେତେ ଟଙ୍କା ଦେଇଛନ୍ତି ଏବଂ କେତେ ଟଙ୍କା ବକେୟା ଅଛି ତାହା କର୍ପୋରେସନକୁ ଅବଗତ କରାଯାଉ । ଅଜନ୍ତା ଆଡଭର୍ଟାଇଜରର ଟେଣ୍ଡର ସମୟ ସୀମା ଆଉ କେତେ ଦିନ ଯାଏ ଅଛି ଏବଂ ଏହାର ପୁନଃ ଟେଣ୍ଡର କେବେ କରାଯିବ ତାହା କର୍ପୋରେସନକୁ ଅବଗତ କରାଯାଉ । ଜୟଦେବ ବିହାର ଛକ (ହୋଟେଲ ପାଲ

ହାଇଡ୍ରୋ)ପାଖକୁ ଲାଗିଥିବା ଫୁଟ୍ ଓଭର ବ୍ରିଜ୍‌ର ସାଇଜ୍, ବିଏମ୍‌ସି ତରଫରୁ ତାଙ୍କୁ କେତେ ବର୍ଗଫୁଟର ଡିସପ୍ଲେ କରିବାକୁ ଅନୁମତି ଦିଆଯାଇଛି ଏବଂ ସେ କେତେ ବର୍ଗଫୁଟର ଡିସପ୍ଲେ କରୁଛନ୍ତି ଓ ଏହା ପାଇଁ ସେ ବାର୍ଷିକ କେତେ ଟଙ୍କା ବିଏମ୍‌ସିରେ ଦେଁଠ କରୁଛନ୍ତି ଦୟାକରି ତାହାକୁ କର୍ପୋରେସନକୁ ଅବଗତ କରାଯାଉ ।

ଅଜନ୍ତା ଆଡଭର୍ଟାଇଜର, ବିଏମ୍‌ସିର ନୋ ହୋର୍ଡିଂ ଜୋନରେ LED Board ଏବଂ ଲଲି ପପ୍ ବୋର୍ଡ ମାଳ ମାଳ ଲଗାଇ ଚାଲିଛି, ଯାହା କି ସାଧାରଣ ଜନତାଙ୍କ ପାଇଁ ବିଦୂର୍ଣ୍ଣ ଅଟେ । ଏହା ଜନସାଧାରଣଙ୍କର ଆଲୋଚନାର ବିଷୟବସ୍ତୁ ପାଲଟିଛି । ଏଗୁଡିକ କାହା ସ୍ୱାର୍ଥରେ ନ୍ୟସ୍ତ ଅଟେ । ଏହା ପ୍ରତି ବିଏମ୍‌ସି ର ଧ୍ୟାନ ରହିବା ଉଚିତ । କମିଶନର ମହାଶୟ ଏଗୁଡିକୁ ଜାଣି ଶୁଣି କିପରି ଏଭଳି ବିପଦପୂର୍ଣ୍ଣ ସ୍ଥାନରେ LED Board ଏବଂ ଲଲି ପପ୍ ବୋର୍ଡ ଲଗାଇବା ପାଇଁ ଅନୁମତି ଦେଉଛନ୍ତି, ଏହାକୁ କର୍ପୋରେସନରେ ଅବଗତ କରାନ୍ତୁ ।

ଉତ୍ତର -୨(୧୮). ତଥ୍ୟ ସଂଗ୍ରହ କରାଯାଇ ପରବର୍ତ୍ତୀ ବୈଠକରେ ଉପସ୍ଥାପନ କରାଯିବ ।

ପ୍ରସ୍ତାବ-୩. ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା ୨୦.୦୩.୨୦୨୫ ରିଖ ଓ ତା ୧୯.୦୪.୨୦୨୫ ରିଖ ଟ୍ୟାକ୍‌ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା ୧୯.୦୩.୨୦୨୫ ରିଖ ଓ ତା ୧୯.୦୪.୨୦୨୫ ରିଖ ପବ୍ଲିକ୍ ହେଲଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା ୨୦.୦୩.୨୦୨୫ ରିଖ ଓ ତା ୧୯.୦୪.୨୦୨୫ ରିଖ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା ୧୯.୦୩.୨୦୨୫ ରିଖ ଓ ତା ୧୭.୦୪.୨୦୨୫ ରିଖ ପ୍ଲାନିଂ ଆଣ୍ଡ୍ ଡେଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା ୧୯.୦୩.୨୦୨୫ ରିଖ ଓ ତା ୧୬.୦୪.୨୦୨୫ ରିଖ ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା ୨୦.୦୩.୨୦୨୫ ରିଖ ଓ ତା ୧୬.୦୪.୨୦୨୫ ରିଖ ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା ୨୮.୦୩.୨୦୨୫ ରିଖ ଓ ତା ୨୧.୦୪.୨୦୨୫ ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା ୨୦.୦୩.୨୦୨୫ ରିଖ ଓ ତା ୧୭.୦୪.୨୦୨୫ ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା ୧୯.୦୩.୨୦୨୫ ରିଖ ଓ ତା ୧୬.୦୪.୨୦୨୫ ରିଖ ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦).ଗତ ତା ୨୦.୦୩.୨୦୨୫ ରିଖ ଓ ତା ୧୭.୦୪.୨୦୨୫ ରିଖ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡ଼ିକ ସମ୍ପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ରୁଲ୍-୨୦୦୪ ର ନିୟମ ୦୩, ୦୪, ୦୫,୦୬, ୦୭, ୦୮,୧୦,୧୧ ଓ ୧୨ ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ପ୍ରସ୍ତାବ-୫.** **ଭୁବନେଶ୍ୱର ମହାନଗର ନିଗମର ଫେବୃୟାରୀ ଓ ମାର୍ଚ୍ଚ-୨୦୨୫ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-**

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡ଼ିଟ୍ ମତାମତ/ ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

**ପ୍ରସ୍ତାବ-୬.** **ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ:- (ତା ୨୩.୦୪.୨୦୨୫ ରିଖ)**

<u>ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ ନଂ-୫୫</u>

ପ୍ରସ୍ତାବ-୬(୧). ଦିନକୁ ଦିନ ଭୁବନେଶ୍ୱରର ଭୂତଳ ଜଳସ୍ତର ଭୟଙ୍କର ଭାବେ କମିବାରେ ଲାଗିଛି । ୨୦୦୮ ମସିହାରୁ ମୁଁ ବାରମ୍ବାର କର୍ପୋରେସନକୁ ଏ ବାବଦରେ ଅବଗତ କରାଇବା ସହ OMC Act-2003, Sec.-538 ଅନୁଯାୟୀ ଯାହାକି କମିଶନରଙ୍କର ବିନା ଅନୁମତିରେ କେହି ବି Commercial ବା Residential ଆବଶ୍ୟକତା ପାଇଁ ବୋର୍‌ୱେଲ୍ ବା ପୋଖରୀ ଖୋଳିପାରିବେ ନାହିଁ । କିନ୍ତୁ ନିୟମ କେବଳ ବହିରେ ସୀମିତ, ପ୍ରତ୍ୟେକ ଦିନ ସହରରେ ବେଧଡ଼କ ବେଆଇନ୍ ବୋର୍‌ୱେଲ୍ ଖୋଳାଗଲିଛି । ଯେହେତୁ ଭୂତଳ ଜଳଉତ୍ସ ଏକ ଜାତୀୟ ସମ୍ପଦ, ଧନୀ/ଗରିବ ସମସ୍ତଙ୍କର ସମାନ ଅଧିକାର । ଏଣୁ ନିଜ ସ୍ୱାର୍ଥ ପାଇଁ କେହି ଏହି ଜଳଉତ୍ସକୁ ବେଆଇନ୍ ଭାବେ ବ୍ୟବହାର କରିବା ଉଚିତ୍ ନୁହେଁ । ଏଣୁ ଏଥିପାଇଁ ଉପରୋକ୍ତ ଆଇନ୍‌କୁ କଡ଼ାକଡ଼ି ଭାବେ ଲାଗୁ ନକରାଗଲେ ଭୁବନେଶ୍ୱର ଅବସ୍ଥା ବେଙ୍ଗାଲୁରୁକୁ ଟପିଯିବ ।

ଏଣୁ ଉପରୋକ୍ତ ଆଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରିବା ଏବଂ ପରବର୍ତ୍ତୀ ସମୟରେ କିଏ କିପରି ବୋର୍‌ୱେଲ୍ ଖନନ ପାଇଁ ଅନୁମତିପ୍ରାପ୍ତ ହେବେ, ସେଥିପାଇଁ ଏକ Borewell Cell, BMC ଗଠନ କରିବା ସହ ଏକ ଶକ୍ତିଶାଳୀ ଏନ୍‌ଫୋର୍ସମେଂଟ୍ ଟିମ୍ ମଧ୍ୟ ରଖାଯାଉ । (As per Government guideline daily water consumption for person is maximum 60 gallon (227 ltr.). So we have to restrict them.) ବର୍ତ୍ତମାନ ଭୁବନେଶ୍ୱରରେ ଶେଷ ୫ ବର୍ଷ ମଧ୍ୟରେ ଭୂତଳ ଜଳ 0.53 mtr. ଖସିଯାଇଛି । ସେହି ଅନୁସାରେ ବର୍ଷାଜଳ ସଂରକ୍ଷଣ ଅତ୍ୟନ୍ତ ନିରାଶଜନକ । ଗତ ବର୍ଷ ଅଗଷ୍ଟ ମାସରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଧାନସଭାରେ ରାଜ୍ୟରେ ଭୂତଳଜଳର ଦ୍ରୁତ ହ୍ରାସ ପାଇଁ ଉଦ୍‌ବେଗ ପ୍ରକାଶ କରିବା ସହ ଏକ ନୂତନ ଆଇନ୍‌ବଳୀ ତିଆରି କରି ତାକୁ implement କରିବା ପାଇଁ Odisha Ground Water Authority ମାଧ୍ୟମରେ (Regulation, Development & Management) କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି, ଯାହାକି ବି.ଏମ୍.ସି ଅଧିନରେ ବହୁ ପୂର୍ବରୁ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ କ୍ଷମତା ରହିଛି । ପ୍ରତ୍ୟେକ ବର୍ଷ lift Irrigation, Industrial use ପାଇଁ ରାଜ୍ୟ ପାଖାପାଖି 0.5 BCM (Billion Cubic Meter) ଜଳ ଭୂତଳୁ extract କରୁଛି । ୨୦୨୦ ମସିହାରେ ଏହା 6.86 BCM ଥିଲାବେଳେ ୨୦୨୪ ମସିହାରେ 7.74 BCM ହୋଇଛି । ୨୦୦୬ ମସିହାରୁ ୨୦୧୦ ମସିହା ଭିତରେ ଭୁବନେଶ୍ୱର ଜଳସ୍ତର ୧୦ ମିଟର ଖସିବାର ରିପୋର୍ଟ ରହିଛି, ଏଣୁ ଏହା ହିଁ ଶେଷ ସମୟ । ଜୀବନ ରକ୍ଷା ପାଇଁ ଜଳକୁ (ଭୂତଳ ଜଳ ବିଶେଷ କରି) ବଂଚାଇବାକୁ ପଡ଼ିବ ।

As per the BMC Ground Water Cell କୁ ସମସ୍ତ ୬୭ ୱାର୍ଡ଼ର Ground Water Level ର Accurate Data କାଢ଼ିବାକୁ ହେବ, ଯାହା ଫଳରେ ଆମେ ସ୍ଥିର କରିପାରିବା କି କେଉଁ ଅଂଚଳ Normal, Low Vulnerable or High Vulnerable means low/ high density of ground water । ସେହି ହିସାବରେ Industrial Use, Agriculture or Domestic use ପାଇଁ ଦେଇହେବ କି ନାହିଁ, ଯଦି ଦେଇହେବ କେତେ ଇଂଚ୍‌ର bore ଦିଆଯିବ, କେତେ ଗଭୀରତା ଦିଆଯିବ ଇତ୍ୟାଦି-

ଇତ୍ୟାଦି । ପ୍ରତ୍ୟେକ ବୋର୍‌ୱେଲ୍‌ରେ Water Meter ବସିବ । ମାସିକ ବିଲ୍ ପଇଠ କରିବେ, Permitted Quantity ରୁ ଅଧିକ ପାଣି ଖର୍ଚ୍ଚ କରିପାରିବେ ନାହିଁ, ଯଦି କଲେ ତାଙ୍କ ଉପରେ Penalty Charge କରାଯିବ । ଏହି illegal borewell କୁ "0" tolerance ହିସାବରେ deal କରାଯିବ । ତତ୍ ସହିତ Water Management & Development ପାଇଁ ସାରା ସହରରେ Regular Interval ରେ ସଚେତନତା Programme କରାଯାଇ ବର୍ଷାଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯିବ । ଏହା ଉପରେ ସବିଶେଷ ଆଲୋଚନା ଓ ନିଷ୍ପତି ପାଇଁ ବିଚ୍ଚର :-

ନିର୍ଦ୍ଧାରଣ-୬(୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୨). ମୋ ୱାର୍ଡ଼ରେ ଗୋଟିଏ ୱାର୍ଡ଼ ଅଫିସ୍ ଏବଂ ୨ ଟି କମ୍ୟୁନିଟି ହଲ୍ ଅଛି । ଏହିଭଳି ଭାବରେ ୬୭ ଗୋଟି ୱାର୍ଡ଼ରେ ଅନେକ ଗୁଡ଼ିଏ କମ୍ୟୁନିଟି ହଲ୍ ଓ ୱାର୍ଡ଼ ଅଫିସ୍ ରହିଛି । ଏହାର ରକ୍ଷଣାବେକ୍ଷଣ (Electric, Water Supply, Cleaning (ସଫେଇ) etc.) ଓ ସୁରକ୍ଷା ପାଇଁ ନିତ୍ୟାନ୍ତ ଅତି କମ୍‌ରେ ଗୋଟିଏ Care Taker ର ଆବଶ୍ୟକତା ରହିଅଛି । ଏଣୁ କୋଟି କୋଟି ଟଙ୍କା ଖର୍ଚ୍ଚ ବିନିମୟରେ ଯେଉଁସବୁ ବିଲ୍‌ଡ଼ିଂ ଗୁଡ଼ିଏ କର୍ପୋରେସନ ତରଫରୁ ଜନସ୍ୱାର୍ଥ ପାଇଁ ଗଢ଼ାଯାଇଛି ତାହାର ସଦୁପଯୋଗ ଏବଂ ଯଥାର୍ଥ ସେବା ପାଇଁ ୱାର୍ଡ଼ ୱାଇଜ୍ ଗୋଟିଏ ଗୋଟିଏ Care Taker ଯିଏକି ୨୪ ଘଂଟା (24 Hours) ସର୍ଭିସ୍ ଯୋଗାଇବ ତାହାଙ୍କୁ ନିଯୁକ୍ତି କରିବା ନିହାତି ଆବଶ୍ୟକ ।

ନିର୍ଦ୍ଧାରଣ-୬(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

<u>ଶ୍ରୀମତୀ ପଙ୍କଜା ପ୍ରିୟଦର୍ଶିନୀ ଜେନା, ୱାର୍ଡ଼ ନଂ-୩୮</u>

ପ୍ରସ୍ତାବ-୬(୩). Development of a "Commercial Market Complex" beside passport office, Nayapalli. This will be a highlight project from BMC which will bring revenue to the department as well as enhance opportunity for business bringing scope for local engagement.

ନିର୍ଦ୍ଧାରଣ-୬(୩). ପ୍ରସ୍ତାବ ବର୍ଣ୍ଣିତ ଜାଗା ରାଜ୍ୟ ସରକାରଙ୍କ ଠାରୁ ଆଣି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ଇତିଶ୍ରୀ ଦାସ, ୱାର୍ଡ଼ ନଂ-୧୩</u>

ପ୍ରସ୍ତାବ-୬(୪). ସଭାପତି ମହୋଦୟା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ କି, ୱାର୍ଡ଼ରେ ଥିବା ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ଅଧିକାଂଶ ଦିନ ରାତି ତମାମ୍ ଜଳିରହୁଛି ବାରମ୍ବାର ଜଣାଇଲେ ମଧ ଦୁଇ ବର୍ଷ ହେଲାଣି ମରାମତି ହେଉନାହିଁ ଯାହା ଫଳରେ ୱାର୍ଡ଼ବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଯଥାଶୀଘ୍ର ଦାୟିତ୍ୱ ନେଇଥିବା ସଂସ୍ଥା ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଉ ମରାମତି କରିବା ପାଇଁ । ଏହା ଉପରେ କର୍ପୋରେସନଙ୍କ ଆଲୋଚନା ଏବଂ ବିଚ୍ଚର :-

ନିର୍ଦ୍ଧାରଣ-୬(୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୫). ସଭାପତି ମହୋଦୟା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ କି, ମୋ ୱାର୍ଡ଼ରେ ଥିବା ଏଲ୍.ଆଇ.ଜି ଛକଟି ଏକ ଗହଳିଚକ ହୋଇଥିବାରୁ ଏହାକୁ ଉନ୍ନତିକରଣ କରାଗଲେ ଆଉ ରାସ୍ତା ଜାମ୍ ହୁଅନ୍ତା ନାହିଁ ଏବଂ ମୋ ୱାର୍ଡ଼ର ସୌନ୍ଦର୍ଯ୍ୟ ମଧ ବୃଦ୍ଧି ପାଆନ୍ତା । ଏହା ଉପରେ କର୍ପୋରେସନଙ୍କ ଆଲୋଚନା ଏବଂ ବିଚ୍ଚର :-

ନିର୍ଦ୍ଧାରଣ-୬(୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ଶ୍ରୀ ଚନ୍ଦ୍ରଶେଖର ମଲିଆ, ୱାର୍ଡ଼ ନଂ-୬୦

